ସାପ୍ତାହିକ
# ସ୍ୱୀକାର
The Sweekar ସ୍ୱୀକାର
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
Postal Regd. No.: SBP/14/2025-2027
RNI No. 66443/94
Vol.29 | Issue - 11 | 16 - 22 March 2025 | Sambalpur | Pages- 8 | Invitation Price Rs.10

## ଏମ୍‌ସିଏଲ୍‌କୁ ମିଳିଲା ଗ୍ଲୋବାଲ୍ ସସ୍‌ଟେନେବଲ ମାଇନିଙ୍ଗ୍ ପ୍ରାକ୍ଟିସେସ୍ ଆୱାର୍ଡ

ଭୁବନେଶ୍ୱର : ଏମ୍‌ସିଏଲ୍ ଗ୍ଲୋବାଲ୍ ସସ୍‌ଟେନେବଲ ମାଇନିଙ୍ଗ୍ ପ୍ରାକ୍ଟିସେସ୍ ଆୱାର୍ଡ ୨୦୨୫ ପାଇଛି । ଏଠାରେ ଅନୁଷ୍ଠିତ ତୃତୀୟ ଓଡ଼ିଶା ମାଇନିଙ୍ଗ୍ ଇନଫ୍ରାଷ୍ଟ୍ରକଚର ଇଣ୍ଟରନ୍ୟାସନାଲ ଏକ୍ସପୋରେ ଏମ୍‌ସିଏଲ୍‌କୁ ଏହି ପୁରସ୍କାର ଦିଆଯାଇଛି । ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟିଙ୍କ ଠାରୁ ଏମ୍‌ସିଏଲ୍ ସିଏମ୍‌ଡି ଉଦୟ ଅନନ୍ତ କାଓଲେ ଏହି ପୁରସ୍କାର ଗ୍ରହଣ କରିଛନ୍ତି ।





## ୨୧ରେ ଅମିତ ଶାହା ସମ୍ବଲପୁର ଆସିବେ



ସମ୍ବଲପୁର : କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଆସନ୍ତା ୨୧ ତାରିଖରେ ସମ୍ବଲପୁର ଆସିବାର କାର୍ଯ୍ୟକ୍ରମ ରହିଛି । ଶ୍ରୀ ଶାହା ୨୧ ତାରିଖ ସନ୍ଧ୍ୟାରେ ଝାରସୁଗୁଡ଼ା ବିମାନ ବନ୍ଦରରେ ଓହ୍ଲାଇବା ପରେ ହେଲିକ୍ୟାପଟର ଯୋଗେ ବୁର୍ଲା ପହଞ୍ଚି ଏମ୍‌ସିଏଲ୍ ଗେଷ୍ଟ ହାଉସରେ ରାତ୍ରି ଯାପନ କରିବେ । ୨୨ ତାରିଖ ସକାଳେ ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କ ଦର୍ଶନ କରିବା ପରେ ଅଇଁଠାପାଲି ପିଏଚ୍‌ଡି ପଡିଆରେ ଏକ ସାଧାରଣ ସଭାରେ ଯୋଗ ଦେବେ । ଏହି ଅବସରରେ ସେ କେତେକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ଶ୍ରୀ ଶାହା ରାଜ୍ୟରେ ବିଜେପି କ୍ଷମତାରେ ଆସିବା ପରେ ପ୍ରଥମ ଥର ପାଇଁ ସମ୍ବଲପୁର ଆସୁଥିବାରୁ ତାଙ୍କର ଏହି ଗସ୍ତକୁ ସଫଳ କରିବା ପାଇଁ ବିଧାୟକ ଜୟନାରାୟଣ ମିଶ୍ରଙ୍କ ନେତୃତ୍ୱରେ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି ।





## ବାର୍ତ୍ତା



ଆନନ୍ଦ, ହର୍ଷ ଓ ଉଲ୍ଲାସର ପର୍ବ ପବିତ୍ର ହୋଲି ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଏହି ପର୍ବ ରାଜ୍ୟ ତଥା ରାଜ୍ୟ ବାହାରେ ରହୁଥିବା ସମସ୍ତ ଓଡ଼ିଆଙ୍କର ଜୀବନରେ ସୁଖ, ଶାନ୍ତି ଓ ଆନନ୍ଦ ଭରିଦେଉ, ଏହିକି କାମନା କରୁଛି ।

(ଡ. ହରି ବାବୁ କମ୍ଭମ୍‌ପାଟି)

## ହୋଲି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ରଙ୍ଗର ପର୍ବ ହୋଲି ହେଉଛି ସ୍ନେହ, ଶ୍ରଦ୍ଧା, ଆନନ୍ଦ ଓ ଉଲ୍ଲାସର ଉତ୍ସବ । ଏହି ଅବସରରେ ଓଡ଼ିଶାର ପ୍ରିୟ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭକାମନା ଜଣାଉଛି । ଶାନ୍ତି, ମୈତ୍ରୀ ଓ ଭାଇଚାରାର ବାର୍ତ୍ତା ବହନ କରୁଥିବା ହୋଲି ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ଆନନ୍ଦ ଭରିଦେଉ । ସାମାଜିକ ସଦ୍‌ଭାବ ଆହୁରି ସୁଦୃଢ଼ ହେଉ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ନାରୀଜାଗରଣ କେନ୍ଦ୍ର ପକ୍ଷରୁ ମହିଳା ଦିବସ ପାଳିତ

ସମ୍ବଲପୁର : ନାରୀଜାଗରଣ କେନ୍ଦ୍ର ପକ୍ଷରୁ ମହାନ୍ତିପଡ଼ା ସ୍ଥିତ ଦଧିବାମନ କଲ୍ୟାଣ ମଣ୍ଡପ ଠାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ପୂର୍ବତନ ରାଜ୍ୟସଭା ସାଂସଦ ସୁଶ୍ରୀ ପ୍ରମିଳା ବହିଦାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବିଶିଷ୍ଟ ଚକ୍ଷୁ ବିଶେଷଜ୍ଞ ଡାକ୍ତର ସୁରେଶ ଚନ୍ଦ୍ର ଦାନୀ ମୁଖ୍ୟ ଅତିଥି, ଡାକ୍ତର ଲକ୍ଷ୍ମୀନାରାୟଣ ରଥ, ଡକ୍ଟର ପ୍ରତିଭା ଦେବୀ, ଡକ୍ଟର ମିନାକ୍ଷୀ ପୁଜାରୀ ଏବଂ ସମାଜସେବୀ ରତ୍ନଭୂଷଣ ପୁରୁଷୋତ୍ତମ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ କବୟିତ୍ରୀ ମମତା ନାଥ, ଦ୍ରୌପଦୀ ମହାରଣା, ତପସ୍ୱିନୀ ନେପାକ ମହିଳା ସଶକ୍ତିକରଣ ଉପରେ ସ୍ୱରଚିତ କବିତା ପାଠ କରିଥିଲେ ।

## ହନୁମାନ ଜୟନ୍ତୀ ହିଂସା ଉପରେ କାର୍ଯ୍ୟାନୁଷ୍ଠାନ କେବେ ?

ସମ୍ବଲପୁର: ଗତ ୨୦୨୩ ମସିହା ହନୁମାନ ଜୟନ୍ତୀ ସମୟରେ ସମ୍ବଲପୁରରେ ସୃଷ୍ଟି ହୋଇଥିବା ହିଂସା ଘଟଣାର ଆଉ ଥରେ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ହନୁମାନ ଜୟନ୍ତୀ ସମନ୍ୱୟ ସମିତି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଇଥିବା ଦାବିପତ୍ରରେ ଦର୍ଶାଯାଇଛି ଯେ, ହନୁମାନ ଜୟନ୍ତୀ ସମୟର ହିଂସା ପଛରେ ବଡ଼ ଷଡ଼ଯନ୍ତ୍ର ରହିଥିଲା । ଏହି ହିଂସା ପଛର ସମଗ୍ର ଘଟଣାରେ କେତେକ ପୁଲିସ ଅଧିକାରୀଙ୍କ ଭୂମିକା ସନ୍ଦେହ ଘେରରେ ରହିଥିଲା । କାର୍ଯ୍ୟରତ କେତେକ ଅଧିକାରୀ ଅବହେଳା ମଧ କରିଥିଲେ । ଦାୟିତ୍ୱରେ ଥିବା ସଂପୃକ୍ତ ପୁଲିସ ଅଧିକାରୀମାନେ ସତର୍କତା ଅବଲମ୍ବନ କରିଥିଲେ, ହୁଏତ ଏଭଳି ଏଡ଼ାଇ ଦିଆଯାଇପାରିଥାନ୍ତା । ତତ୍କାଳୀନ ଏସ୍.ପି ଘଟଣା ଦିନ ସମ୍ବଲପୁର ସହରରେ ଉପସ୍ଥିତ ନ ଥିଲେ । ଏସବୁ ଘଟଣାର ନିରପେକ୍ଷ ତଦନ୍ତ କରାଯିବାର ଆବଶ୍ୟକତା ରହିଛି । ଯେଉଁ ଅଧିକାରୀମାନେ ଏହି ଘଟଣା ପାଇଁ ଦାୟୀ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ହନୁମାନ ଜୟନ୍ତୀ ସମନ୍ୱୟ ସମିତି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କଠାରେ ଦାବି କରାଯାଇଛି । ସେହି ସମୟରେ ହିନ୍ଦୁ ସଂଗଠନ ଓ ହନୁମାନ ଜୟନ୍ତୀ ସମନ୍ୱୟ ସମିତି ସହିତ ସଂପୃକ୍ତ ୫୦/୬୦ ନିରୀହ ବ୍ୟକ୍ତିଙ୍କ ବିରୋଧରେ ମିଥ୍ୟା ମାମଲା ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା । ଅପରପକ୍ଷରେ ଘଟଣାରେ ସନ୍ଦେହଜନକ ଭୂମିକା ଥିବା ସତ୍ତ୍ୱେ ଜଣେ ପୁଲିସ ଅଧିକାରୀ ଓ ତାଙ୍କ ପୁଅଙ୍କୁ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପୁଲିସ ପଛଘୁଞ୍ଚା ଦେଇଥିଲା । ଶୀଘ୍ର ସେହିସବୁ ମିଥ୍ୟା ମାମଲା ପ୍ରତ୍ୟାହାର କରାଯାଇ ଯେଉଁମାନେ ଏଭଳି କାମ କରିବା ପାଇଁ ପ୍ରବର୍ତ୍ତାଇ ଥିଲେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ମଧ ଦାବି କରାଯାଇଛି । ସମ୍ବଲପୁର ସହରରେ ପ୍ରାୟ ୨୩ଟି ଜାଗାରେ ଗୋହତ୍ୟା କରାଯାଉଛି । ପ୍ରତିମାସ ପାଖାପାଖି ୩ ହଜାର ଗାଈଙ୍କୁ ହତ୍ୟା କରାଯାଉଛି । ତୁରନ୍ତ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି । ହନୁମାନ ଭକ୍ତମାନଙ୍କ ବିରୋଧରେ ଯେଉଁମାନେ ଆକ୍ରମଣ କରିଥିଲେ, ଯେଉଁମାନେ ହିଂସା ସୃଷ୍ଟି କରିଥିବା ବ୍ୟକ୍ତିମାନଙ୍କୁ ଆଶ୍ରୟ ଦେଇଥିଲେ, ସେମାନଙ୍କ ବିରୋଧରେ ବୁଲଡୋଜର କାର୍ଯ୍ୟାନୁଷ୍ଠାନ ନିଆଯାଇ ଘରଦ୍ୱାର ଭାଙ୍ଗିବାକୁ ମୁଖ୍ୟମନ୍ତ୍ରୀଙ୍କ ଠାରେ ଅନୁରୋଧ କରାଯାଇଛି । ଦାବିପତ୍ରରେ ଜୟବ୍ରତ ଦେ, ଗୋବିନ୍ଦ ଅଗ୍ରୱାଲ, ସୁଶାନ୍ତ ପୁରୋହିତ, ସମୀର ରଂଜନ ବାବୁ, ଶୁଭଶ୍ରୀ ମିଶ୍ର ପ୍ରମୁଖଙ୍କ ଦସ୍ତଖତ ରହିଛି ।

## ବ୍ରହ୍ମମଣ୍ଡପ ପଣ୍ଡିତ ମହାସଭାର ମହାନଦୀ ଆଳତି

ସମ୍ବଲପୁର : ଫାଲଗୁନ ପୂର୍ଣ୍ଣିମା ଅବସରରେ ମାରୱାଡ଼ି ବ୍ରାହ୍ମଣ ମହିଳା ସମିତି ଏବଂ ପର୍ଶୁରାମ ଯୁବକ ସଂଘ ସହଯୋଗରେ ଶ୍ରୀ ବ୍ରହ୍ମ ମଣ୍ଡପ ପଣ୍ଡିତ ମହାସଭା ପକ୍ଷରୁ ମହାନଦୀ ଆଳତି ହୋଇଯାଇଛି । ଶତାଧିକ ଭକ୍ତଙ୍କ ଉପସ୍ଥିତି, ଗଙ୍ଗାମାତାଙ୍କ ଜୟଧ୍ୱନୀ ଏବଂ ହୁଳହୁଳି ମଧ୍ୟରେ ପଣ୍ଡିତ ଅମରନାଥ ମିଶ୍ର, ରବିନାରାୟଣ ପଣ୍ଡା, ସରିତ ପାଢ଼ୀ, ଗୋପାଳ ଶର୍ମା, କାହ୍ନୁଚରଣ ଷଡ଼ଙ୍ଗୀ, ସୁବ୍ରତ ପୁରୋହିତ, ଅମରେନ୍ଦ୍ର ପୂଜାରୀ ଏବଂ ଦୀପକ ପାଣିଗ୍ରାହୀ ଆଳତି କରିଥିଲେ । ପର୍ଶୁରାମ ଯୁବକ ସଂଘର ବିନୋଦ ଶର୍ମା, ବିନୋଦ ଡାଲମିଆ ଏବଂ ମନୋଜ ଅଗ୍ରୱାଲ ପ୍ରମୁଖ ଏଥିରେ ସହଯୋଗ କରିଥିଲେ ।

## ଠାକୁରବାଡ଼ି ମଠରେ ଲକ୍ଷାର୍ଚ୍ଚନ

ସମ୍ବଲପୁର: ମହାନ୍ତିପଡ଼ାର ଠାକୁରବାଡ଼ି ମଠରେ ଗୋବିନ୍ଦ ଦ୍ୱାଦଶୀ ଅବସରରେ ଲକ୍ଷାର୍ଚ୍ଚନ ହୋଇଥିଲା । ଏଥିରେ ୧୬୪ ଜଣ ଭକ୍ତ ଶ୍ରୀ ଗୋପାଳ ମହାପ୍ରଭୁଙ୍କୁ ୧ ଲକ୍ଷ ୮ ତୁଳସୀ ପତ୍ର ଅର୍ପଣ କରିଥିଲେ । ଗୌର ଦାସ ମନ୍ତ୍ରପାଠ କରିଥିଲେ । ମଠର ମହନ୍ତ ଶ୍ରୀନିବାସ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବୃନ୍ଦାବନର ଶ୍ରୀ ଦାମକିଙ୍କର ଜୀ ମହାରାଜ ଯୋଗଦେଇ ତୁଳସୀ ଅର୍ଚ୍ଚନ ଏବଂ ଗୋବିନ୍ଦ ଦ୍ୱାଦଶୀର ମହତ୍ତ୍ୱ ଉପରେ ପ୍ରବଚନ ଦେଇଥିଲେ । ପ୍ରଦୀପ ପାଢ଼ୀ, ଧର୍ମ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ।

## ସଙ୍ଗୀତ ଏକ ଅମୂଲ୍ୟ ସମ୍ପଦ

ସଙ୍ଗୀତ ଏକ ଅନୁପମ ଓ ଅମୂଲ୍ୟ ବରଦାନ । ସଙ୍ଗୀତ ଦ୍ୱାରା ପୀଡ଼ିତ ହୃଦୟକୁ ଶାନ୍ତି ଓ ସନ୍ତୋଷ ମିଳିଥାଏ । ମନୁଷ୍ୟର ସୃଜନାତ୍ମକ ଓ ରଚନାତ୍ମକ ଶକ୍ତିର ବିକାଶ ସଙ୍ଗୀତ ଦ୍ୱାରା ହୋଇଥାଏ । ଏଥିରୁ ଆର୍ଥିକ ଆନନ୍ଦର ନୂତନ ସୃଷ୍ଟି ହୋଇଥାଏ । ଏହାର ପ୍ରତ୍ୟକ୍ଷ ପ୍ରଭାବ ଆମ ଭାବ ଚେତନା ଉପରେ ପଡ଼ିଥାଏ, ଯଦ୍ୱାରା ରୁଗ୍ଣତନୁ ସୁସ୍ଥ ହେବାରେ ଲାଗେ ଏବଂ ବିକାର ଗ୍ରସ୍ତମନ ପ୍ରସନ୍ନତା ପ୍ରାପ୍ତି କରିଥାଏ । ସଙ୍ଗୀତର ଅମୂଲ୍ୟ ନିଧି ଦେଇ ପରମାତ୍ମା ଆମର ପୀଡ଼ା ହରଣ କରିଛନ୍ତି । ଆମ ସମସ୍ତଙ୍କ ଜୀବନରେ ସଙ୍ଗୀତ କୌଣସି ନା କୌଣସି ରୂପେ ସମାହିତ । ପ୍ରକୃତିର ବିଭିନ୍ନ ଜୀବଙ୍କ ସ୍ୱରରେ, ପ୍ରବାହିତ ନଦୀଗୁଡ଼ିକର କଳକଳ ନାଦରେ, ପ୍ରବାହିତ ବାୟୁର ଲହରରେ ସଙ୍ଗୀତର ଧ୍ୱନି ପ୍ରତିବିମ୍ବିତ ହୋଇଥାଏ ଏବଂ ଏହି କାରଣରୁ ସଙ୍ଗୀତର ସ୍ୱର ଲହରୀ ଆମକୁ ଭିତର ପର୍ଯ୍ୟନ୍ତ ଆନ୍ଦୋଳିତ ଓ ଆନନ୍ଦିତ କରି ନିଜ ଆଡ଼କୁ ଆକର୍ଷଣ କରିଥାଏ ।

ବହୁତ ଲୋକ ମନୋରଞ୍ଜନ ପାଇଁ ସଙ୍ଗୀତ ଶୁଣିବା ପସନ୍ଦ କରନ୍ତି, କେତେକ ସ୍ୱୟଂକୁ ଚାପମୁକ୍ତ କରିବା ପାଇଁ ଏବଂ କିଛି ଲୋକ ନିଜର ଆଧ୍ୟାତ୍ମିକ ପ୍ରଗତି ପାଇଁ ଏହାର ସାହାଯ୍ୟ ନିଅନ୍ତି । ଏହା ବ୍ୟତୀତ ସ୍ୱାସ୍ଥ୍ୟ ଉପରେ ସଙ୍ଗୀତର ପ୍ରଭାବ ମଧ ବହୁଚର୍ଚ୍ଚିତ । ଭାରତୀୟ ସଙ୍ଗୀତ ଚିକିତ୍ସାର ପ୍ରଧାନ ବୈଶିଷ୍ଟ୍ୟ ହେଉଛି – ରାଗ ।

ସ୍ୱରଗୁଡ଼ିକର ଏକ ବିଶେଷ ଅବସ୍ଥାକୁ ରାଗ କହନ୍ତି । ରାଗର ମୂଳ ଅର୍ଥ 'ରଙ୍ଗେଇବା' ଅର୍ଥାତ୍ ରଙ୍ଗ ଦେବାର ପ୍ରକ୍ରିୟା । ରାଗ ମାନବ ଚିତ୍ତକୁ ନିଜ ରଙ୍ଗରେ ରଙ୍ଗେଇ ଦିଏ, ଯଦ୍ୱାରା ମାନବ ମନ ପ୍ରସନ୍ନ ହୋଇ ଉଠେ । ସୁସ୍ଥ ରହିବା ପାଇଁ ଯେପରି ଉଚିତ ଆହାରର ଆବଶ୍ୟକତା ଥାଏ, ସେହିପରି ବିହାର ପାଇଁ ଋତୁ ଓ ସମୟ ଅନୁସାର ବିଭିନ୍ନ ରାଗ ଶୁଣିବା ଲାଭପ୍ରଦ ।

ସ୍ୱର ଓ ଲୟ ତ ବିଶ୍ୱର ଯେକୌଣସି ସଙ୍ଗୀତରେ ମିଳି ପାରିବ, କିନ୍ତୁ ରାଗର ଅବଧାରଣା ଭାରତୀୟ ସଙ୍ଗୀତର ବିଲକ୍ଷଣ ବିଶେଷତା । ଏଠାରେ ଏକ ଅଧିକ ଆହ୍ୱାନପୂର୍ଣ୍ଣ ବୈଜ୍ଞାନିକ ପ୍ରଶ୍ନ ହେଉଛି, ସଙ୍ଗୀତ କ'ଣ ଆପଣଙ୍କ ସଂଜ୍ଞାନ କ୍ଷମତାରେ ପରିବର୍ତ୍ତନ ଆଣିଥାଏ ଏବଂ ମସ୍ତିଷ୍କରେ ପରିବର୍ତ୍ତନ କରିଥାଏ ?

ପ୍ରଶ୍ନ ଉଠୁଛି ଯେ ସଙ୍ଗୀତକୁ କ'ଣ ନିଷ୍କ୍ରିୟ ଶ୍ରୋତା ରୂପେ ଶୁଣିବା ଯଥେଷ୍ଟ ଅଥବା ସକ୍ରିୟ ହୋଇ ସଙ୍ଗୀତ ସହ ଯୋଡ଼ି ହେବା ଆବଶ୍ୟକ ? ସମୂହରେ ଅଥବା ଏକାକୀ ଗାଇ କିମ୍ବା କୌଣସି ବାଦ୍ୟଯନ୍ତ୍ର ବଜାଇ ସଙ୍ଗୀତର ଉପଯୋଗ କରାଯିବ କି ? ସକ୍ରିୟ ରୂପେ ଯୋଡ଼ି ହେବାର ତାତ୍ପର୍ଯ୍ୟ ହେଲା- ଆମେ ନିଜର ମସ୍ତିଷ୍କ ଉପରେ ଚାପ ପକାଉଛେ, ତାହା ଦ୍ୱାରା ଅଭ୍ୟାସ କରାଉଛେ । ଅନ୍ୟ ଶବ୍ଦରେ ସଙ୍ଗୀତର ପ୍ରଭାବ କ'ଣ ହେବ ? ଗୀତ ଶୁଣିବା ଠିକ୍ ଅଥବା ସ୍ୱୟଂ ବାଦ୍ୟଯନ୍ତ୍ର ବଜାଇବା ଠିକ୍ ?

ଏକ ଦଶକ ପୂର୍ବେ ପ୍ରେସ୍ ଓ ଇଲେକ୍ଟ୍ରୋନିକ ମିଡିଆରେ ମୋଜାର୍ଟଙ୍କ ସଙ୍ଗୀତର ପୂର୍ବ ପ୍ରଭାବ ଉପରେ ବହୁତ ଚର୍ଚ୍ଚା ହୋଇଥିଲା । କେତେକ ଗବେଷକ ଦାବି କରିଥିଲେ ଯେ ବିଦ୍ୟାଳୟରେ ପଢୁଥିବା ଯେଉଁ ବିଦ୍ୟାର୍ଥୀମାନେ ମହାନ୍ ୟୁରୋପିୟାନ ଶାସ୍ତ୍ରୀୟ ସଙ୍ଗୀତଜ୍ଞ ମୋଜାର୍ଟଙ୍କ ସଙ୍ଗୀତ ଶୁଣି ପରୀକ୍ଷା ଦେଇଥିଲେ, ସେମାନଙ୍କ ପ୍ରଦର୍ଶନ ଭଲ ଥିଲା । ଏମାନଙ୍କ ତୁଳନାରେ ଯେଉଁ ବିଦ୍ୟାର୍ଥୀମାନଙ୍କୁ ପରୀକ୍ଷା ସମୟରେ ମୋଜାର୍ଟଙ୍କ ସଙ୍ଗୀତ ଶୁଣାଯାଇ ନ ଥିଲା, ପରୀକ୍ଷାରେ ସେମାନଙ୍କ ପ୍ରଦର୍ଶନ ସେତେ ଭଲ ହୋଇ ନ ଥିଲା ।

ଏହି ଗବେଷଣା ନିଷ୍କର୍ଷର ବ୍ୟାପକ ପ୍ରଭାବ ପଡ଼ିଲା ମାତାପିତା ନିଜର ପିଲାମାନଙ୍କୁ ୱୁଲଫଗଙ୍ଗ ଆମେଡିୟସ ମୋଜାର୍ଟଙ୍କ ସଙ୍ଗୀତ ଶୁଣାଇବା ଆରମ୍ଭ କରିଦେଇଥିଲେ । ଅଭିଭାବକମାନେ ଆଶା କରିଥିଲେ ଯେ ଏହା ଦ୍ୱାରା ପିଲାମାନଙ୍କ ପ୍ରଦର୍ଶନ ସୁଧୁରିବ ଏବଂ ବୋଧହୁଏ ବୌଦ୍ଧିକ କ୍ଷମତା ମଧ ବଢ଼ିବ ।

ବୃତ୍ତିଗତ ଓ ଲୋକପ୍ରିୟ, ଉଭୟ ମିଡିଆରେ କଥିତ ମୋଜାର୍ଟଙ୍କ ସଙ୍ଗୀତର ପ୍ରଭାବ ସମ୍ପର୍କରେ ଅନେକ ପ୍ରଶ୍ନ ଉଠାଯାଇଥିଲା । ଏହି ପ୍ରଭାବକୁ କ'ଣ ଦୋହରାଯାଇ ପାରିବ ? ସଙ୍ଗୀତ କ'ଣ କେବଳ ମସ୍ତିଷ୍କକୁ ଶାନ୍ତ କରି ତାହାକୁ ପ୍ରସ୍ତୁତ କାମ ଉପରେ କେନ୍ଦ୍ରିତ କରିବାରେ ସାହାଯ୍ୟ କରେ ଏବଂ କେବଳ ମୋଜାର୍ଟ ସଙ୍ଗୀତ କାହିଁକି, ବିଥୋଭେନ, ବାଖ୍ ବା ବିଟଲସ୍‌ଙ୍କ ସଙ୍ଗୀତ କାହିଁକି ନୁହେଁ ?

କ'ଣ କେବଳ ପାଶ୍ଚାତ୍ୟ ସଙ୍ଗୀତର ପ୍ରଭାବ ପଡ଼ିଥାଏ । କର୍ଣ୍ଣାଟକୀ, ହିନ୍ଦୁସ୍ଥାନୀ, ଜାପାନୀ ସଙ୍ଗୀତ ବା ଶାନ୍ତିଦାୟକ ମନ୍ତ୍ରୋଚ୍ଚାରଣ କାହିଁକି ନୁହେଁ ? ଏହି ପ୍ରଭାବ କ'ଣ କିଛି ସମୟ ପାଇଁ ପଡ଼େ ବା ଦୀର୍ଘ ସମୟ ପର୍ଯ୍ୟନ୍ତ ଏହାର ପ୍ରଭାବ ରହିଥାଏ ? ସଙ୍ଗୀତ କ'ଣ ଶିଶୁମାନଙ୍କୁ ଶୁଆଇବା ସହିତ ହୁସିଆର ବି କରାଇଥାଏ ? ବୈଜ୍ଞାନିକ ଓ ବ୍ୟାବହାରିକ ଦୁଇ ପ୍ରକାର ପ୍ରୟୋଗ ଆଧାରରେ ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଦେବା ପାଇଁ ଚେଷ୍ଟା କରାଗଲା । ସଙ୍ଗୀତ ନିର୍ବିବାଦ ରୂପେ ଶ୍ରେଷ୍ଠ ବୋଲି ସମସ୍ତେ ଏକମତ ହେଲେ, କିନ୍ତୁ ମୋଜାର୍ଟଙ୍କ ସଙ୍ଗୀତର ପ୍ରଭାବ ଉପରେ କୌଣସି ନିଷ୍ପତ୍ତି ନିଆଗଲା ନାହିଁ । ଏଠାରେ ଏକ ଅଧିକ ଆହ୍ୱାନପୂର୍ଣ୍ଣ ବୈଜ୍ଞାନିକ ପ୍ରଶ୍ନ ହେଉଛି, ସଙ୍ଗୀତ କ'ଣ ଆମର ସଂଜ୍ଞାନ କ୍ଷମତାରେ ପରିବର୍ତ୍ତନ ଆଣିଥାଏ ଏବଂ ମସ୍ତିଷ୍କରେ ପରିବର୍ତ୍ତନ କରିଥାଏ ।

ପ୍ରତ୍ୟେକ କ୍ଷେତ୍ରର ପରିଣାମରୁ ସଙ୍ଗୀତ ଆମର ଶାରୀରିକ ଓ ମାନସିକ କ୍ଷମତାରେ ବୃଦ୍ଧି କରୁଥିବା ଏବଂ ଆମକୁ ଭାବନାତ୍ମକ ରୂପେ ସ୍ଥିର କରୁଥିବା କଥା ସ୍ପଷ୍ଟ ହୋଇଛି । ସଙ୍ଗୀତର ଅଭିରୁଚି ନିତାନ୍ତ ବ୍ୟକ୍ତିଗତ, କିନ୍ତୁ ଚିକିତ୍ସା ରୂପେ ସଙ୍ଗୀତର ଉପଚାର ଭିନ୍ନ ହୋଇଥାଏ ।

କିଛି ବୈଜ୍ଞାନିକଙ୍କର ଦଳ ସଙ୍ଗୀତର ପ୍ରଭାବର ଅଧ୍ୟୟନ କରିଛି । ଅଧ୍ୟୟନର ଶୀର୍ଷକ ହେଉଛି –ଚୋଖୋଭସ୍କିଙ୍କ ନଟକ୍ରାକର ସୁଇଟ ବା ଅନ୍ୟ ସଙ୍ଗୀତ ବଜାଇଲେ ପିଲାଙ୍କ ମସ୍ତିଷ୍କରେ କ'ଣ ସୁଧାର ହୋଇଥାଏ ?

ଏହି ଅଧ୍ୟୟନ ଉକ୍ତ ପ୍ରସଙ୍ଗରେ ଆହୁରି ଲୋକପାତ କଲା । ବୈଜ୍ଞାନିକଙ୍କର ଏହି ଦଳ ମୋଜାର୍ଟଙ୍କ ସଙ୍ଗୀତ ନୁହେଁ, ବରଂ ରୁଷୀୟ ସଙ୍ଗୀତକାର ପୋତ୍ର ଇଲିଚ ଚୋଖୋଭ୍ୟସ୍କିଙ୍କ ସଙ୍ଗୀତକୁ ବାଛିଲେ । ଏହି ଦଳର ନେତୃତ୍ୱ ବର୍ମାଣ୍ଟ ସେଣ୍ଟର ଫର ଚିଲଡ୍ରେନ, ୟୁଥ ଆଣ୍ଡ ଫ୍ୟାମିଲିଜ୍‌ର ପ୍ରଫେସର ଜେମ୍ସ ହୁଡିଜିଏକ ନେଇଥିଲେ ।

ବୈଜ୍ଞାନିକ ଦଳ ସଙ୍ଗୀତ ବାଦ୍ୟଯନ୍ତ୍ର ବଜାଇବା ଓ ମସ୍ତିଷ୍କର ବିକାଶର ପାରସ୍ପରିକ ସମ୍ବନ୍ଧଗୁଡ଼ିକ ଉପରେ ନିଜର ପରିଣାମକୁ 'ଜର୍ଣ୍ଣାଲ ଅଫ ଆମେରିକାନ ଏକାଡେମୀ ଅଫ ଚାଇଲ୍ଡ ଆଣ୍ଡ ଏଡୋଲ ସେଣ୍ଟ ସାଇକିଏଟ୍ରି'ରେ ପ୍ରକାଶିତ କଲା ସେହି ଦଳ ନିଜର ଅଧ୍ୟୟନରେ ବାଦ୍ୟଯନ୍ତ୍ର ବଜାଉଥିବା ୨୩୨ ଜଣ ପିଲାଙ୍କ ମସ୍ତିଷ୍କ ଉପରେ ନଜର ରଖିଥିଲା । ଏମ୍.ଆର.ଆଇ. ମାଧ୍ୟମରେ ସେହି ପିଲାମାନଙ୍କ ମସ୍ତିଷ୍କର ସ୍କାନିଂ କରାଯାଉଥିଲା ।

ସ୍କାନଗୁଡ଼ିକରୁ ସଙ୍ଗୀତ ବଜାଉଥିବା ପିଲାମାନଙ୍କ ମସ୍ତିଷ୍କର କର୍ଟେକ୍ସର ମୋଟେଇରେ ସମୟ କ୍ରମେ ଅନ୍ତର ଆସିଲା । କର୍ଟେକ୍ସର ମୋଟେଇରେ ଏହି ଅନ୍ତର କିଛି ବିଶେଷ କ୍ଷେତ୍ରରେ ଆସିଲା, ଯାହାକୁ କ୍ରିୟାକାରୀ କ୍ଷେତ୍ର କହନ୍ତି । ଏହି କ୍ଷେତ୍ର ଗତିଗୁଡ଼ିକର ନିୟନ୍ତ୍ରଣ ଓ ସାମଞ୍ଜସ୍ୟ, କାର୍ଯ୍ୟଗତ ସ୍ମୃତି, ଏକାଗ୍ରତା ଉପରେ ନିୟନ୍ତ୍ରଣ କରେ ଏବଂ ଭବିଷ୍ୟତ ନିଯୋଜନରେ ଭୂମିକା ନିର୍ବାହ କରିଥାଏ ।

ହୁଡଜିଏକଙ୍କ ଦଳର ପ୍ରୟୋଗର ନିଷ୍କର୍ଷ ହେଉଛି – ବାସ୍ତବରେ ସଙ୍ଗୀତ ମସ୍ତିଷ୍କ ସକାଶେ ଶାରୀରିକ ବ୍ୟାୟାମ ପରି ହୋଇଥାଏ ଏବଂ ଏହା ଅସ୍ଥାୟୀ ବା ତାତ୍କାଳିକ ନୁହେଁ, ବରଂ ଦୀର୍ଘ ସମୟ ପାଇଁ ଲାଭ ଦେଇଥାଏ । । ହୁଡଜିଏକଙ୍କ ମତରେ ସଙ୍ଗୀତ ଗାଇବା, ବଜାଇବା ଦ୍ୱାରା ମସ୍ତିଷ୍କ ଓ ସଂଜ୍ଞାନ କ୍ଷମତା ଲାଭାନ୍ୱିତ ହୋଇଥାଏ ।

ଲିଭରପୁଲ ବିଶ୍ୱବିଦ୍ୟାଳୟର ଡା. ଏମି ସ୍ପେ ଓ ଡା. ଜି. ମେୟର ନିଜର ଅଧ୍ୟୟନରେ କହିଛନ୍ତି – ସଙ୍ଗୀତର ପ୍ରଶିକ୍ଷଣ ବିଶେଷ ରୂପେ ମସ୍ତିଷ୍କର ବାମ ଗୋଲାର୍ଦ୍ଧରେ ରକ୍ତର ପ୍ରବାହକୁ ବୃଦ୍ଧି କରିପାରେ । ଏହି କ୍ଷେତ୍ର ଭାଷାର ସ୍ଥାନ ଅଟେ । ଜନ ହପକିନ୍ସ ବିଶ୍ୱବିଦ୍ୟାଳୟର ଡା. ଚାର୍ଲ୍ସ ଲିମ୍ବ ଓ ତାଙ୍କ ସାଥୀମାନେ ଆଉ ଏକ ରୋଚକ ଅଧ୍ୟୟନ କରିଥିଲେ । ସେମାନେ ଏକ ଜାକ୍ ସଙ୍ଗୀତ ସମୂହର ସଙ୍ଗୀତକାରଙ୍କ ଉପରେ ନଜର ରଖିଲେ ।

ବାଦ୍ୟଯନ୍ତ୍ରଗୁଡ଼ିକର ବଟନ ଆଦି ପ୍ଲାଷ୍ଟିକରେ ତିଆରି ହୋଇଥିଲା । କାରଣ ଧାତୁଗୁଡ଼ିକ ଏମ୍.ଆର.ଆଇ.ରେ ସମସ୍ୟା ଉପନ୍ନ କରିଥାଏ । ଏହି ସ୍କାନିଂ ଜାଜ୍ ସମୂହର ପ୍ରଦର୍ଶନ ସମୟରେ କରାଯାଇଥିଲା । ଗାୟକ, ବାଦକ ପରସ୍ପରକୁ ଶୁଣି କାର୍ଯ୍ୟକ୍ରମରେ କୌଣସି ପୂର୍ବ ପ୍ରସ୍ତୁତି ବିନା ଗାଉଥିଲେ, ଯାହାକି ଜାଜ୍ ସମୂହ ପ୍ରାୟ କରିଥାନ୍ତି । ରବିଶଙ୍କର, ରଞ୍ଜିନୀ-ଗାୟତ୍ରୀ, ଉମାୟଲପୁରମ୍ ଘଟମ, ନିରିଧରଙ୍କ ପରି ଆମର ସଙ୍ଗୀତକାରମାନେ ମଧ ପ୍ରଶ୍ନ-ଉତ୍ତର ରୂପେ ଏପରି କରୁଥିଲେ । କହିବାକୁ ଗଲେ ଏହା ଏକ ସଙ୍ଗୀତ ସମ୍ବାଦ ହୋଇଥାଏ । ଏହି ଆଦାନ ପ୍ରଦାନ ସମୟରେ କରାଯାଇଥିବା ସେମାନଙ୍କ ମସ୍ତିଷ୍କର ସ୍କାନରୁ ଜଣା ପଡ଼ିଲା ଯେ ସେମାନେ ମସ୍ତିଷ୍କର ସେହି ଅଂଶର ଉପଯୋଗ କରୁଥିଲେ, ଯାହାର ସମ୍ବନ୍ଧ କଥାବାର୍ତ୍ତା ସହିତ ରହିଛି ।

ପ୍ରତ୍ୟେକ ଗାୟକ, ବାଦକ ନିଜର ସାଥୀ ଠାରୁ ଯାହା ଶୁଣିଥାଏ, ତାହାକୁ କାର୍ଯ୍ୟକାରୀ କରିବା ପାଇଁ ନିଜ ବ୍ୟାକରଣ କ୍ଷେତ୍ରର ଉପଯୋଗ କରିଥାଏ, ଯେପରିକି ତାହାର ଉତ୍ତର ନୂଆ ସ୍ୱର-ତାଳ ବଜାଇ ଦିଆଯାଇ ପାରିବ । ଏହି ପ୍ରୟୋଗ ଉତ୍ସାହବର୍ଦ୍ଧକ । ସଙ୍ଗୀତର ଚିକିତ୍ସା ପଦ୍ଧତିର କୌଶଳ ପ୍ରାଚୀନ କାଳରେ ଯେପରି ପ୍ରଭାବଶାଳୀ ଥିଲା, ବର୍ତ୍ତମାନ ସେପରି ହୋଇପାରିନାହିଁ ।

ସେ ସମୟରେ ଭିନ୍ନ ଭିନ୍ନ ବ୍ୟାଧି ନିମନ୍ତେ ଭିନ୍ନ ଭି ନ୍ନ ରାଗ-ରାଗିଣୀର ନିର୍ଦ୍ଧାରଣ ହୋଇଥିଲା । ଉଦାହରଣ ସ୍ୱରୂପ ମାନସିକ ଅସ୍ଥିରତା ଓ କ୍ରୋଧ ଶମନ ପାଇଁ 'ମଲ୍ଲାର', ଶ୍ୱାସ ସମ୍ବନ୍ଧୀୟ କଷ୍ଟ, କାଶ, ଶ୍ୱାସ, ଯକ୍ଷ୍ମା ଆଦିରେ ରାଗ 'ଭୈରବ', ରକ୍ତ ଅଶୁଦ୍ଧି ସ୍ଥିତିରେ ରାଗ 'ଅସାବରୀ' ଓ 'ମେଡା', ଯକୃତ, ପ୍ଲୀହା ବୃଦ୍ଧିରେ ରାଗ 'ହିଣ୍ଡୋଲ'ର ବ୍ୟବସ୍ଥା ଥିଲା ।

ଭାରତୀୟ ସଙ୍ଗୀତ ଉପରେ କରାଯାଇଥିବା ଅନୁସନ୍ଧାନ ଓ ଅଧ୍ୟୟନ ତ ଆହୁରି ଚମତ୍କାର । ଭାରତୀୟ ସଙ୍ଗୀତ ଅନୁସାର ସ୍ୱରଗୁଡ଼ିକରେ ୨୨ଟି ଶ୍ରୁତି ରହିଛି । ଏହି ଶ୍ରୁତିଗୁଡ଼ିକର ଗାୟନ ଓ ଶ୍ରବଣ ଦ୍ୱାରା ଉତ୍ପନ୍ନ ହେଉଥିବା ଭୌତିକ ଓ ଚେତନାତ୍ମକ ପ୍ରଭାବ ଅନୁପମ ।

ବୈଦିକ କାଳରେ ଆମର ଋଷିଗଣ ସଙ୍ଗୀତ ବିଜ୍ଞାନର ବିଶେଷଜ୍ଞ ଥିଲେ । ଏହା ମାଧ୍ୟମରେ ନିଜର ଆନ୍ତରିକ ଶକ୍ତିଗୁଡ଼ିକୁ ଜାଗ୍ରତ କରୁଥିଲେ । ସମ୍ପର୍କରେ ଆସୁଥିବା ପୀଡ଼ିତ ମାନବତାର ସେବା କରୁଥିଲେ । ଭକ୍ତି-ଭାବନାରେ ବିଶ୍ୱାସ କରୁଥିଲେ । ସଙ୍ଗୀତରେ ଶକ୍ତି ଥିବା କଥା ନିସନ୍ଦେହ ଏବଂ ସଙ୍ଗୀତ ପ୍ରତି ରୁଚି ରଖିଥିବା ତଥା ସେଥିରୁ ରସ ଗ୍ରହଣ କରୁଥିବା ଲୋକଙ୍କୁ ତାହାର ଲାଭ ଅବଶ୍ୟ ମିଳିଥାଏ ।

# ପତଞ୍ଜଳି ପ୍ରଣୀତ ଯୋଗ ଦର୍ଶନ



ଡ଼ଃ ପ୍ରମୋଦ କୁମାର ପଣ୍ଡା

**ଯୋଗ** ଦର୍ଶନ ମହର୍ଷି ପତଞ୍ଜଳି ପ୍ରଣୀତ । ଭାରତୀୟ ହିନ୍ଦୁ ଦର୍ଶନକୁ ଏହା ଏକ ମହାର୍ଘ ଅବଦାନ । ସଂସ୍କୃତ ଶବ୍ଦ ଯୋଗର ମୂଳଧାତୁ ଯୁଜ । ଅଭିଧାନିକ ଅର୍ଥ ଯୋଡି ହେବା । ପତଞ୍ଜଳିଙ୍କ ରଚିତ ଯୋଗ ଦର୍ଶନ ଚାରି ପାଦରେ ବିଭକ୍ତ । ବିଭାଜିତ । ସମାଧି, ସାଧନା, ବିଭୁତି ଓ କୈବଲ୍ୟ । ପାଦ ମାନେ ଅଧାୟ । ପ୍ରତ୍ୟେକ ପାଦ ସୂତ୍ର ଯୁକ୍ତ । ସମାଧି ପାଦ ୫୧ ସୂତ୍ର ବିଶିଷ୍ଟ । ସାଧନା ଓ ବିଭୁତି ପାଦ ପ୍ରତ୍ୟେକେ ୫୫ ସୂତ୍ର ଯୁକ୍ତ । କୈବଲ୍ୟ ପାଦରେ ୩୪ ସୂତ୍ର ରହିଛି । ଯୋଗ ଦର୍ଶନର ମୋଟ ସୂତ୍ର ସଂଖ୍ୟା ୧୯୫ । କେତେକ ସଂସ୍କରଣରେ ୧୯୬ ସୂତ୍ର ଦେଖାଯାଏ ।

ଚିତ୍ତଯୋଗ ଯୋଗ ଦର୍ଶନର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ତତ୍ତ୍ୱ । ଏହି ତତ୍ତ୍ୱ ସାଂଖ୍ୟ ଯୋଗ ବର୍ଣ୍ଣିତ ବୁଦ୍ଧି, ଅହଂକାର ଓ ମନ ସଦୃଶ । ଚଞ୍ଚଳ ସର୍ବଦା ପରିବର୍ତ୍ତନଶୀଳ । କୌଣସି ବସ୍ତୁ ସହିତ ଯୋଡିହେଲେ ଏହା ସେହି ବସ୍ତୁର ଆକାର ଧାରଣ କରିନିଏ । ଆକାର ଅର୍ଥ ବୃତ୍ତି । ଚିତ୍ତର ଏହି ବୃତ୍ତି ଯୋଗୁଁ ଆତ୍ମା ସାଂସାରିକ ଜ୍ଞାନ ପ୍ରାପ୍ତି କରେ ।

ଆତ୍ମା ଚିତ୍ତବୃତ୍ତି ରହିତ । କିନ୍ତୁ ଚିତ୍ତର ବୃତ୍ତି ପ୍ରତିବିମ୍ବିତ ହେଲେ ଆତ୍ମା ମଧ ପରିବର୍ତ୍ତନଶୀଳ ଭଳି ପ୍ରତୀୟମାନ ହୁଏ । ସାଂସାରିକ ସୁଖ ଦୁଃଖରୁ ରାଗ ଓ ଦ୍ୱେଷର ଉତ୍ପତ୍ତି । ଅଜ୍ଞାନତା ଯୋଗୁଁ ଆତ୍ମା ରାଗ ଦ୍ୱେଷ ରୂପକ ବନ୍ଧନରେ ବାନ୍ଧି ହୁଏ । ନିଜ ମୂଳ ସ୍ୱରୂପର ଜ୍ଞାନ ହେଲେ ଆତ୍ମା ଏସବୁରୁ ନିଜକୁ ଅଲଗା କରିନିଏ । ନିରନ୍ତର ଯୋଗାଭ୍ୟାସ ଚିତ୍ତବୃତ୍ତିକୁ ନିୟନ୍ତ୍ରିତ କରିପାରେ । ଯୋଗ ଶାସ୍ତ୍ରରେ ଚିତ୍ତର ପାଞ୍ଚଟି ଅବସ୍ଥା ବର୍ଣ୍ଣିତ । କ୍ଷିପ୍ରଚିତ୍ତ, ମୂଢ଼ଚିତ୍ତ, ବିକ୍ଷିପ୍ତ ଚିତ୍ତ, ଏକାଗ୍ର ଚିତ୍ତ ଓ ନିରୁଦ୍ଧ ଚିତ୍ତ । କ୍ଷିପ୍ରାବସ୍ଥାରେ ଚିତ୍ତ ଅତ୍ୟନ୍ତ ଚଞ୍ଚଳ ଓ ସାଂସାରିକ ବିଷୟରେ ଆସକ୍ତ ଥାଏ । ମୂଢ଼ଚିତ୍ତ ଅବସ୍ଥାରେ ତମ, ସତ୍ତ୍ୱ ଓ ରଜ ଗୁଣକୁ ନିୟନ୍ତ୍ରଣରେ ରଖେ । ବିକ୍ଷିପ୍ତଚିତ୍ତ ସତ୍ତ୍ୱଗୁଣ ପ୍ରାଧାନ୍ୟ ଅଟେ । ଏହି ଅବସ୍ଥାରେ ଚିତ୍ତବୃତ୍ତି ନିରୋଧ ହୁଏ । ଆତ୍ମା ପରମାତ୍ମା ପ୍ରାପ୍ତି ପାଇଁ ପ୍ରୟାସ କରେ । ସତ୍ତ୍ୱଗୁଣ ପ୍ରାବଲ୍ୟ ହେତୁ ଏକାଗ୍ର ଅବସ୍ଥାରେ ଚିତ୍ତ ନିର୍ଦ୍ଦିଷ୍ଟ ବିଷୟରେ ସ୍ଥିର ରହେ । ନିରୁଦ୍ଧାବସ୍ଥାରେ ଚିତ୍ତବୃତ୍ତି ନିରୋଧ ଯୋଗୁଁ ଚିତ୍ତରେ କେବଳ ସଂସ୍କାରର ଛାପ ପଡିଥାଏ । ଚିତ୍ତ, ସତ୍ତ୍ୱ, ରଜ ଓ ତମ ଗୁଣରୁ ନିର୍ମିତ । ପ୍ରକ୍ଷା, ପ୍ରବୃତ୍ତି ଏବଂ ସ୍ଥିତି ଚିତ୍ତର ତିନିଗୋଟି ରୂପ । ପ୍ରକ୍ଷ୍ୟାବସ୍ଥାରେ ସତ୍ତ୍ୱଗୁଣ ପ୍ରାବଲ୍ୟ ଥାଏ । ତମଗୁଣର ଅଧସ୍ତନତା ହେତୁ ଚିତ୍ତ ସିଦ୍ଧି ପ୍ରାପ୍ତିପାଇଁ ଚେଷ୍ଟିତ ରୁହେ । ପ୍ରବଳ ରଜ ଓ ଦୁର୍ବଳ ତମ ଗୁଣ ଯୋଗୁଁ ଚିତ୍ତର ପ୍ରବୃତ୍ତି ରୂପ ଧାନ ଏବଂ ଧାରଣାରେ କାର୍ଯ୍ୟରତ ହୁଏ । ଚିତ୍ତର ସ୍ଥିତି ରୂପ ସତ୍ତ୍ୱ ଓ ରଜ ଗୁଣକୁ ନିଜ ଅଧୀନରେ ରଖେ । ଚିତ୍ତ ନିଜ ମୂଳ ରୂପରେ ରହେ । ନିଜକୁ ଅନ୍ୟଠାରୁ ପୃଥକ କରିନିଏ ।

ସ୍ୱଭାବତଃ, ଚିତ୍ତ ଅଚେତନ ଅଟେ । କିନ୍ତୁ ଏହା ନିରନ୍ତର ପରିବର୍ତ୍ତିତ ହୁଏ । ଏହି ପରିବର୍ତ୍ତନ ଚିତ୍ତବୃତ୍ତି ଅଟେ । ଚିତ୍ତବୃତ୍ତି ପାଞ୍ଚ ପ୍ରକାରର । ପ୍ରମାଣ, ବିପର୍ଯ୍ୟୟ, ବିକଳ୍ପ, ନିଦ୍ରା ଓ ସ୍ମୃତି । ପ୍ରମାଣ ତିନି ପ୍ରକାର । ପ୍ରତ୍ୟକ୍ଷ, ଅନୁମାନ ଓ ଶବ୍ଦ । ପ୍ରତ୍ୟକ୍ଷାବସ୍ଥାରେ ଚିତ୍ତ ଜ୍ଞାନେନ୍ଦ୍ରିୟ ସାହାଯ୍ୟରେ ବାହ୍ୟ ବସ୍ତୁର ସମ୍ପର୍କରେ ଆସେ । ସେମାନଙ୍କ ଆକାର ଧାରଣ କରିନିଏ । ଅନୁମାନ ଓ ଶବ୍ଦ ଅବସ୍ଥାରେ ଚିତ୍ତ ବସ୍ତୁର ସାମାନ୍ୟ ରୁପ ଧାରଣ କରିନିଏ । ବସ୍ତୁର ବାସ୍ତବ ସ୍ୱରୂପର ଜ୍ଞାନ ନହେବା ଅବସ୍ଥାକୁ ଚିତ୍ତର ବିପର୍ଯ୍ୟୟ କୁହାଯାଏ । ସଂଶୟ ବିପର୍ଯ୍ୟୟର ଅନ୍ୟ ନାମ । ବିକଳ୍ପ ସ୍ଥିତିରେ ବସ୍ତୁ ଚିତ୍ତର ସମ୍ମୁଖରେ ନଥାଏ । ଏହା ଚିତ୍ତର କେବଳ କାଳ୍ପନିକ ପ୍ରତିତୀ ମାତ୍ର । ନିଦ୍ରାବସ୍ଥାରେ ଚିତ୍ତର ସଂଜ୍ଞା ନ ଥାଏ । ଏହି ଅବସ୍ଥାରେ ତମ ଗୁଣ ପ୍ରଭାବୀ ହୋଇଥାଏ । ନିଦ୍ରାବସ୍ଥାରେ ବ୍ୟକ୍ତିର ଅଳ୍ପ ଜ୍ଞାନ ଥାଏ । ପୂର୍ବରୁ ଅନୁଭବ କରିଥିବା ବସ୍ତୁର ସ୍ମରଣକୁ ସ୍ମୃତି କୁହାଯାଏ । ବସ୍ତୁର ଜ୍ଞାନ ହେବା ସମୟରେ ତା ଉପରେ ସେହି ବସ୍ତୁର ସଂସ୍କାର ପଡିଥାଏ । ପରେ ସଂସ୍କାର ସ୍ମୃତି ରୂପରେ ଦେଖା ଦେଇଥାଏ ।

ଯୋଗ ଶାସ୍ତ୍ର ମାନସିକ ଦୁଃଖକୁ କ୍ଲେଶର ଆଖ୍ୟା ଦିଏ । ଚିତ୍ତ ନିଜକୁ କର୍ତ୍ତା ଏବଂ ଭୋକ୍ତା କଳ୍ପନା କଲେ, କ୍ଲେଶର ଉତ୍ପତ୍ତି ହୋଇଥାଏ । ଯୋଗ ଦର୍ଶନରେ ପାଞ୍ଚ ପ୍ରକାର କ୍ଲେଶର ବର୍ଣ୍ଣନା କରାଯାଇଛି । ଅବିଦ୍ୟା, ଅସ୍ମିତା, ରାଗ, ଦ୍ୱେଷ ଓ ଅଭିନିବେଶ । ଜୀବାତ୍ମାକୁ ଅନିତ୍ୟ, ଅଚେତନ ଏବଂ ଭୌତିକ ବିଚାର କରିବା ଅବିଦ୍ୟା ଅଟେ । ପ୍ରକୃତି ଓ ପୁରୁଷକୁ ଏକ ଏବଂ ଅଭିନ୍ନ ଭାବିବା ଅସ୍ମିତା । ସାଂସାରିକ ସୁଖ ପ୍ରାପ୍ତିର ଆଶାକୁ ରାଗ କୁହାଯାଏ । ଦୁଃଖ ଦେଉଥିବା ସାଧନ ପ୍ରତି କ୍ରୋଧ ଭାବ ଦ୍ୱେଷ ଅଟେ । ମୃତ୍ୟୁ ଭୟ ଅଭିନିବେଶ ଭାବେ ଅଭିହିତ ।

ଶରୀର, ଇନ୍ଦ୍ରିୟ ଓ ମନ ମାଧମରେ ମଣିଷ ସାଂସାରିକ ବିଷୟ ପ୍ରତି ଆସକ୍ତ ହୋଇଥାଏ । ଆସକ୍ତି ଦୁଖ ଓ ବନ୍ଧନର କାରଣ । ଶରୀର, ମନ ଓ ଇନ୍ଦ୍ରିୟ ନିୟନ୍ତ୍ରଣ ପାଇଁ ଯୋଗ ଶାସ୍ତ୍ର ଆଠଟି ମାର୍ଗ ଉପରେ ଗୁରତ୍ୱ ଆରୋପ କରେ । ଅଷ୍ଟାଙ୍ଗଯୋଗ । ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧାନ ଓ ସମାଧି । ଏହା ସାଂସାରିକ ଦୁଃଖରୁ ମୁକ୍ତିର ବାଟ । ଶରୀର, ମନ ଓ ବାଣୀର ନିୟନ୍ତ୍ରଣକୁ ଯମ କୁହାଯାଏ । ଏହା ପାଞ୍ଚ ପ୍ରକାରର । ଅହିଂସା, ସତ୍ୟ, ଅସ୍ତେୟ, ବ୍ରହ୍ମଚର୍ଯ୍ୟ ଓ ଅପରିଗ୍ରହ । ପ୍ରାଣୀକୁ ଶାରୀରିକ, ମାନସିକ କିମ୍ବା ବାଚିକ ପୀଡା ନପହଞ୍ଚାଇବା ଏବଂ ଶତ୍ରୁଭାବ ତ୍ୟାଗ କରିବା ଅହିଂସା । ସତ୍ୟ ମାନେ ବାଣୀ ଏବଂ ମନରେ ସତ୍ୟ ଆଚରଣ କରିବା । ଚୋରି ନକରିବା ଅସ୍ତେୟ ଅଟେ । ବ୍ରହ୍ମଚର୍ଯ୍ୟର ଅର୍ଥ କାମବାସନାକୁ ନିୟନ୍ତ୍ରଣ କରିବା । ମନ,ବଚନ ଓ କର୍ମରେ ଅବାନ୍ଛିତ ପଦାର୍ଥ ସଂଗ୍ରହ ନକରିବା ଅପରିଗ୍ରହ ।

ଭଲ ଆଚରଣ ସୁନିଶ୍ଚିତ କରିବା ନିୟମ ଅଟେ । ଏହା ପାଞ୍ଚ ପ୍ରକାରର । ଶୌଚ, ସନ୍ତୋଷ, ତପ, ସ୍ୱାଧାୟ ଓ ଈଶ୍ୱରପ୍ରଣିଧାନ । ବାହ୍ୟ ଓ ଆନ୍ତରିକ ସ୍ୱଛତାକୁ ଶୌଚ କୁହାଯାଏ । ସ୍ନାନ ଦ୍ୱାରା ବାହ୍ୟ ସ୍ୱଛତା ସମ୍ଭବ । ଆନ୍ତରିକ ସ୍ୱଚ୍ଛତା କରୁଣା, ମୈତ୍ରୀ ଇତ୍ୟାଦି ଦିବ୍ୟ ଭାବରୁ ମିଳିଥାଏ । ଏହା ମନକୁ ସ୍ୱଛ ଓ ଶାନ୍ତ ରଖେ । ସୀମିତ ସାଧନାରେ ପ୍ରସନ୍ନ ସନ୍ତୋଷ ଅଟେ । ଅନୁଶାସନଯୁକ୍ତ ଓ ସହନଶୀଳ ରହିବାକୁ ତପ କୁହାଯାଏ । ସ୍ୱାଧାୟ ମାନେ ଧାର୍ମିକ ଗ୍ରନ୍ଥ ଅଧୟନ ଏବଂ ଆତ୍ମଚିନ୍ତନ । ଈଶ୍ୱରଙ୍କ ପ୍ରତି ଶ୍ରଦ୍ଧାଭାବ ଏବଂ ତାଙ୍କୁ ନିଜର ସମସ୍ତ କର୍ମାଦି ସମର୍ପଣ ଈଶ୍ୱରପ୍ରଣିଧାନ ।

'ସ୍ଥିରସୁଖମାସନଂ ' ଅର୍ଥାତ ଶରୀରକୁ ସୁଖ ପୂର୍ବକ ସ୍ଥିର ରଖିବାର ବିଭିନ୍ନ ସ୍ଥିତିକୁ ଆସନ କୁହାଯାଏ । ଏହା କେବଳ ଏକାଗ୍ରତା ପାଇଁ ସହାୟକ ନୁହଁ, ବରଂ ଶାରୀରିକ ଓ ମାନସିକ ସଂଯମତା ଆନୟନ ପାଇଁ ମଧ ସହାୟକ ହୋଇଥାଏ ।

ଯୋଗାଭ୍ୟାସର ଚତୁର୍ଥାବସ୍ଥା ହେଉଛି ପ୍ରାଣାୟାମ । ଏହାଦ୍ୱାରା ଶ୍ୱାସକ୍ରିୟାକୁ ନିୟନ୍ତ୍ରଣ କରି ଚିତ୍ତକୁ ଏକାଗ୍ର କରାଯାଇ ପାରେ । ଚିତ୍ତଚାଞ୍ଚଲ୍ୟ ଓ ବିକ୍ଷୁବ୍ଧ ଅବସ୍ଥାକୁ ପ୍ରଶମନ କରିବା ପ୍ରାଣାୟାମ ଦ୍ୱାରା ସମ୍ଭବପର ହୋଇଥାଏ । ପୂରକ, କୁମ୍ଭକ ଓ ରେଚକ - ଏହି ତିନି ଚରଣରେ ପ୍ରାଣାୟାମ କରାଯାଏ । ପ୍ରାଣବାୟୁକୁ ଯଥାଶକ୍ତି ନିଜ ଭିତରେ ପୁରେଇବାକୁ ପୂରକ କୁହାଯାଏ । ପ୍ରାଣବାୟୁକୁ ଭର୍ତ୍ତି କରିବାରେ ଯେତେ ସମୟ ଲାଗିଥାଏ, ତାହାର ଅଧା ସମୟ ପର୍ଯ୍ୟନ୍ତ ଶ୍ୱାସକୁ ଭିତରେ ରୋକି ରଖିବାକୁ କୁମ୍ଭକ କୁହାଯାଏ । ଧିରେ ଧିରେ ସେହି ପ୍ରାଣବାୟୁକୁ ବାହାରକୁ ଛାଡିବାକୁ ରେଚକ କୁହାଯାଏ । ପୂରକ ଏବଂ ରେଚକର ସମୟ ଅବଧି ସମାନ ଅଟେ ।

ଇନ୍ଦ୍ରିୟଗୁଡିକ ଚିତ୍ତ ଚାଞ୍ଚଲ୍ୟର କାରଣ ହୋଇଥାନ୍ତି । ଇନ୍ଦ୍ରୟଗୁଡିକୁ ସାଂସାରିକ ବିଷୟରୁ ଅଲଗା କରିନେଲେ ଚିତ୍ତ ଏକାଗ୍ର ହୁଏ । ସାଂସାରିକ ବସ୍ତୁର ଆସକ୍ତି ନିରୋଧକୁ ପ୍ରତ୍ୟାହାର କୁହାଯାଏ ।

ଧାରଣା ପତଞ୍ଜଳିଙ୍କ ଅଷ୍ଟାଙ୍ଗ ଯୋଗର ଷଷ୍ଠ ଅଙ୍ଗ । ଏହି ଶବ୍ଦର ମୂଳ ଧାତୁ ଧ୍ରୁବ ଅଟେ । ଯାହାର ଅର୍ଥ ଧାରଣ କରିବା / ସମ୍ଭାଳିବା । ଚିତ୍ତକୁ କୌଣସି ଏକ ବସ୍ତୁ ଉପରେ କେନ୍ଦ୍ରିତ କରିବାକୁ ଧାରଣା କୁହାଯାଏ । ଚଞ୍ଚଳ ଚିତ୍ତ ଯେବେ ଅନ୍ୟ ବସ୍ତୁ ପ୍ରତି ଆକର୍ଷିତ ହୁଏ, ତତକ୍ଷଣାତ ତାକୁ ପୂର୍ବବର୍ତ୍ତୀ ବସ୍ତୁ ପାଖକୁ ଫେରେଇ ଆଣିବାର ପ୍ରଚେଷ୍ଟା ହିଁ ଧାରଣା ।

କୌଣସି ଏକ ବିଷୟ ଉପରେ ଚିତ୍ତକୁ ଏକାଗ୍ର କରି ଦୀର୍ଘ ସମୟ ପର୍ଯ୍ୟନ୍ତ ସ୍ଥିର ରଖିବାର ସାମର୍ଥ୍ୟକୁ ଧାନ କୁହାଯାଏ । ଧାନାବସ୍ଥାରେ ଚିତ୍ତର ମୂଳ ବା ବାସ୍ତବ ସ୍ୱରୂପ ଜାଣିବାରେ ବ୍ୟକ୍ତି ସକ୍ଷମ ହୋଇଥାଏ । ପୂର୍ଣ୍ଣ ଧାନ ସ୍ଥିତିରେ ଅନ୍ୟ ବସ୍ତୁର ଜ୍ଞାନ କିମ୍ବା ସ୍ମୃତି ଚିତ୍ତକୁ ପ୍ରବେଶ କରିପାରେ ନାହିଁ ।

ଯୋଗ ସାଧନର ଅନ୍ତିମ ଚରଣ ହେଉଛି ସମାଧି । ଏହି ଅବସ୍ଥାରେ ଧାନ ଏବଂ ଧେୟ (ପ୍ରକ୍ରିୟା ଏବଂ ବିଷୟ) ସମରୂପୀ ହୋଇଯାନ୍ତି । ସମାଧିସ୍ଥ ସାଧକ ଚିତ୍ତବୃତ୍ତିକୁ ସମ୍ପୂର୍ଣ୍ଣ ନିରୋଧ କରିବାରେ ସକ୍ଷମ ହୋଇଯାନ୍ତି । ସମାଧି ଦ୍ୱାରା ମୋକ୍ଷପ୍ରାପ୍ତି ସମ୍ଭବ ବୋଲି ଯୋଗ ଦର୍ଶନ କହେ । ସମାଧି ଦୁଇ ପ୍ରକାରର । ସଂପ୍ରଜ୍ଞାତ ଅଥବା ସଜୀବ ସମାଧି ଏବଂ ଅସଂପ୍ରଜ୍ଞାତ ଅଥବା ନିର୍ଜୀବ ସମାଧି ।

ସାଂସାରିକ ବିଷୟ ପ୍ରତି ଆସକ୍ତି ଦୁଃଖର କାରଣ ଅଟେ । କୌଣସି ଏକ ନିଶ୍ଚିତ ବିଷୟରେ ଚିତ୍ତକୁ ଏକାଗ୍ର କଲେ ସାଂସାରିକ ସୁଖ ପ୍ରତି ମୋହ ରହେନାହିଁ । ସେଥିରୁ ଉତ୍ପନ୍ନ ଦୁଃଖ ନଷ୍ଟ ହୋଇଯାଏ । ବିଷୟର ବାସ୍ତବିକ ସ୍ୱରୂପ ପ୍ରକାଶିତ ହୁଏ । କର୍ମ ପ୍ରବାହରୁ ମୁକ୍ତି ମିଳେ ।

ଅସଂପ୍ରଜ୍ଞାତ ସମାଧି ଯୋଗର ସର୍ବୋଚ୍ଚ ଅବସ୍ଥା ଅଟେ । ଏହା ଚିତ୍ତବୃତ୍ତିକୁ ନିରୁଦ୍ଧ କରେ । ଏହି ଅବସ୍ଥାରେ ବିଷୟ ଓ ବିଷୟୀ ମଧରେ କୌଣସି ପାର୍ଥକ୍ୟ ରହେନାହିଁ । ରାଗ ଏବଂ ଦୁଃଖର ବିଲୟ ହୋଇଯାଏ । ଏହାକୁ ବିଶେଷଣ ରହିତ ଅଥବା ନିର୍ଜୀବ ସମାଧି କୁହାଯାଇଥାଏ । ଯୋଗ ଦର୍ଶନର ଆଠଗୋଟି ଚରଣକୁ ଭିନ୍ନଭିନ୍ନ ବୋଲି ମନେ କରିବା ଅନୁଚିତ । ଆଠଗୋଟି ଆୟାମର ଏକା ସଙ୍ଗେ ଅଭ୍ୟାସ କରିବା ବିଧେୟ । ସାଂଖ୍ୟ ଓ ଯୋଗ ମଧରେ ଅନେକ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ । ଉଭୟ ଦର୍ଶନକୁ ଗୋଟିଏ ଶ୍ରେଣୀରେ ରଖାଯାଇ ପାରେ ।

**ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ,**
**ସମ୍ବଲପୁର**

## ଆଜିର ଚିନ୍ତନ

**ଥ**ରେ ମହାନ୍ ଦାର୍ଶନିକ କନଫୁସିୟସଙ୍କ ନିକଟକୁ ସେ ଦେଶର ମହାରାଜ ଆସି କହିବାକୁ ଲାଗିଲେ– ଚାରିଆଡ଼େ ବେଇମାନୀ, ଅରାଜକ ସହ ଛଳ, କପଟ, ହିଂସା ବଢ଼ି ବଢ଼ି ଗଲାଣି । ଆମ ଦେଶରେ କ'ଣ ଏମିତି କେହି ନାହାନ୍ତି, ଯାହା ନିକଟରେ ସଦାଚାର ଥିବ ତଥା ଗୁଣରେ ଦେବତାଙ୍କ ଠାରୁ ମଧ ମହାନ୍ ହୋଇଥିବେ ? କନଫୁସିୟସ ଉତ୍ତର ଦେଲେ- କାହିଁକି ନୁହେଁ ମହାରାଜ ? ଜଣେ ତ ସ୍ୱୟଂ ଆପଣ ଅଟନ୍ତି । କାରଣ ସତ୍ୟକୁ ଜାଣିବା ପାଇଁ ଚେଷ୍ଟା କରୁଥିବା ପ୍ରତ୍ୟେକ ଜିଜ୍ଞାସୁମାନଙ୍କୁ ମୁଁ ମହାନ୍ ବୁଝିଥାଏ । ସମ୍ରାଟ କହିଲେ– ଆପଣଙ୍କ ଦୃଷ୍ଟିରେ ଯଦିଓ ମୁଁ ମହାନ୍ ହୋଇପାରେ, କିନ୍ତୁ ଏପରି ଆଉ ଜଣେ ମହାନ୍ ମନୁଷ୍ୟକୁ ଦେଖିବାକୁ ଚାହୁଁଛି, ଯିଏକି ମୋ'ଠାରୁ ମଧ ମହାନ୍ ହୋଇଥିବ । କନଫୁସିୟସ ଉତ୍ତର ଦେଲେ– ତେବେ ତ ସେହି ବ୍ୟକ୍ତି ମୁଁ ନିଜେ ହିଁ ଅଟେ । ସମ୍ରାଟ କହିଲେ– ଆପଣଙ୍କଠାରୁ ମଧ ମହାନ୍ ମନୁଷ୍ୟକୁ ଦେଖିବାକୁ ଚାହେଁ ! କୃପାକରି ମୋତେ ସେଭଳି ବ୍ୟକ୍ତିଙ୍କ ନିକଟକୁ ନେଇଚାଲନ୍ତୁ । କିଛି କ୍ଷଣ ସମ୍ରାଟଙ୍କୁ ଚାହିଁ କନଫୁସିୟସ କହିଲେ– ମହରାଜ, ଆମକୁ ଆଉ କେଉଁଆଡ଼େ ଯିବାକୁ ପଡ଼ିବ ନାହିଁ । ଆମଠାରୁ ମହାନ୍ ଶହ ଶହ ମନୁଷ୍ୟ ଆମ ନିଜ ଆଖପାଖରେ ଦେଖିବାକୁ ମିଳିଯିବେ । କେବଳ ସେମାନଙ୍କୁ ଆମେ ସେହିଭଳି ଦୃଷ୍ଟିରେ ଦେଖିବାକୁ ପଡ଼ିବ । ମହାରାଜ ସେହି ସାମ୍ନାରେ ଥିବା ଶହେ ବର୍ଷର ଜଣେ ବୁଢ଼ୀକୁ ଦେଖନ୍ତୁ ତ ! ସେ କ'ଣ କରୁଛି ? ମହାରାଜ ଉତ୍ତର ଦେଲେ– ଆରେ ସେହି ବୁଢ଼ୀ କୋଦାଳ ଧରି କୂଅ ଖୋଳୁଛି ! କିଛି ସମୟ ଆଶ୍ଚର୍ଯ୍ୟର ସହ ପୁଣି କହିଲେ– କିନ୍ତୁ ଏହି ବୟସରେ ତାଙ୍କୁ କୂଅ ଖୋଳିବା ଆବଶ୍ୟକତା କାହିଁକି ପଡ଼ିଲା ? କନଫୁସିୟସ କହିଲେ– ଆପଣ ଠିକ୍ କହିଲେ ମହାରାଜ ! କିନ୍ତୁ କେବଳ ଆବଶ୍ୟକତା ହିଁ ସବୁ କିଛି ହୋଇ ନ ଥାଏ । ସେହି ବୁଢ଼ୀ ଲୋକଟି ଭଲଭାବେ ଜାଣିଛି ଯେ, କୌଣସି ମୂହୁର୍ତ୍ତରେ ମଧ ତାର ପ୍ରାଣବାୟୁ ଚାଲିଯାଇପାରେ, ତଥାପି ସେ ଅନ୍ୟମାନଙ୍କ ମଙ୍ଗଳ ପାଇଁ ସେହି କାର୍ଯ୍ୟଟି କରୁଛି । ଯେଉଁ ବ୍ୟକ୍ତି ଅନ୍ୟମାନଙ୍କ ପାଇଁ ଏହିପରି ନିର୍ଲିପ୍ତ ହୋଇ ନିଜ ଜୀବନର ବଳିଦାନ ଦେଇଥାଏ, ସେ ହିଁ ବାସ୍ତବରେ ମହାନ୍ ଅଟେ ଏବଂ ଈଶ୍ୱର ସ୍ୱରୂପ ହୋଇଥାଏ । ଏହିପରି ବ୍ୟକ୍ତି ହିଁ ବଞ୍ଚି ଥାଉଁ ଥାଉଁ ଜୀବନ ମରଣର ସମସ୍ତ ସୀମା ଲଂଘନ କରି ଅମର ହୋଇଯାଆନ୍ତି । ବାସ୍ତବରେ ସେ ବୁଢ଼ୀମାଆ ଆମମାନଙ୍କ ଆଖି ଖୋଲିଦେଲେ । ସେଥିପାଇଁ ତ ମହାନ କାଳୀସାଧକ ଶ୍ରୀରାମକୃଷ୍ଣ ପରମହଂସଙ୍କ ପରମ ଶିଷ୍ୟ ସ୍ୱାମୀ ବିବେକାନନ୍ଦ କହିଥିଲେ– ସେ ହିଁ ଏଇ ଧରାପୃଷ୍ଠରେ ଜୀବିତ, ଯିଏ ଅନ୍ୟମାନଙ୍କ ପାଇଁ ବଞ୍ଚିଥାଏ, ଆଉ ଅନ୍ୟମାନେ ଜୀବିତ ଥାଇ ମଧ ମୃତ ସଦୃଶ ।

# ନିଦ୍ରାହୀନତାରୁ ହୃଦ୍‌ଘାତ ଆଶଙ୍କା

**ନି**ଦ୍ରାହୀନତାର ଶିକାର ଲୋକଙ୍କ ଠାରେ ହୃଦଘାତ ଆଶଙ୍କା ବୃଦ୍ଧି ପାଇଥାଏ ବୋଲି ଏକ ନୂତନ ଅଧୟନରେ ସତର୍କ କରି ଦିଆଯାଇଛି । ଏ ସମ୍ପର୍କରେ ଚାଇନା ମେଡିକାଲ ୟୁନିଭର୍ସିଟିର ଗବେଷକ କ୍ୱିଓ କହନ୍ତି, 'ଶରୀର ପାଇଁ ନିଦ୍ରା ହେଉଛି ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଆମ ଜୀବନକାଳର ଏକ ତୃତୀୟାଂଶ ସମୟ କେବଳ ଶୋଇବାରେ ହିଁ ବିତିଯାଏ । କିନ୍ତୁ ଆଧୁନିକ ସମାଜରେ ଅଧିକରୁ ଅଧିକ ଲୋକ ନିଦ୍ରାହୀନତାର ଶିକାର ହେଉଥିବା ଅଭିଯୋଗ କରନ୍ତି । ନିଦ୍ରାହୀନତା ସହ ହୃଦରୋଗ ବା ହୃଦଘାତ ଭଳି ସମସ୍ୟା ଜଡିତ । ଯେଉଁମାନେ ନିଦ୍ରାହୀନତାର ଶିକାର ହୋଇଥାଆନ୍ତି ସେମାନଙ୍କୁ ଶୋଯରେ ଗଡିପଡିଲେ ମଧ ନିଦ ନ ଲାଗିବା, ଅଧିକ ସମୟ ନିଦ ଜାରି ନ ରହିବା, ବେଳାବେଳି ଉଠି ପଡିବା ଆଦି ଲକ୍ଷଣମାନ ପ୍ରକାଶ ପାଇଥାଏ । ଗବେଷକମାନେ ସମୁଦାୟ ୧,୬୦,୮୬୬ ଅଂଶ ଗ୍ରହଣକାରୀଙ୍କୁ ନେଇ ୧୫ଟି ଅଧୟନ ବିଶ୍ଳେଷଣ କରିଥିଲେ । ଏଥିରୁ ଜାଣିବାକୁ ମିଳିଲା ଯେ, ବିଳମ୍ବରେ ନିଦ ଲାଗିବା, ଅଧିକ ସମୟ ପର୍ଯ୍ୟନ୍ତ ନିଦ ଜାରି ନ ରହିବା ଏବଂ ଖୁବ୍ ଶୀଘ୍ର ନିଦ ଭାଙ୍ଗିଯିବା ଆଦି କାରଣ ପାଇଁ ହୃଦରୋଗ ଆଶଙ୍କା ବୃଦ୍ଧି ପାଇଥାଏ । ବଡ଼ି ଭୋରରୁ ଉଠିବା ସହିତ ଶରୀରରେ ପ୍ରତିକୂଳ ପ୍ରଭାବର କୌଣସି ସମ୍ପର୍କ ନାହିଁ । ତେବେ ଗବେଷକମାନେ ଦେଖିବାକୁ ପାଇଲେ ଯେ, ବିଳମ୍ବରେ ନିଦ ଲାଗିବା, ଅଧିକ ସମୟ ନିଦ ଲାଗି ନ ରହିବା ଏବଂ ହଠାତ୍ ନିଦରୁ ଉଠି ପଡିବା ଆଦି ଲକ୍ଷଣ ଯୋଗୁଁ ହୃଦରୋଗ ଆଶଙ୍କା ଯଥାକ୍ରମେ ୨୭,



୧୧ ଓ ୧୮ ପ୍ରତିଶତ ବୃଦ୍ଧି ପାଇଥାଏ । ତେବେ ନିଦ୍ରାହୀନତାର ଶିକାର ପୁରୁଷଙ୍କ ଅପେକ୍ଷା ମହିଳାଙ୍କ ଠାରେ ହୃଦରୋଗ ଓ ହୃଦଘାତ ଆଶଙ୍କା ଅଧିକ ବୋଲି ଗବେଷକମାନେ କହିଛନ୍ତି ।

ବର୍ଷ ୨୯, ସଂଖ୍ୟା - ୧୧, ୧୬ - ୨୨ ମାର୍ଚ୍ଚ ୨୦୨୫

# 'ମାଗଣା' ସଂସ୍କୃତିର ଅନ୍ତ କେବେ ?

ନିର୍ବାଚନ ସମୟରେ ମତଦାତାଙ୍କୁ ପ୍ରଲୋଭିତ କରି ଭୋଟ ଟାଣିବା ଲାଗି ରାଜନୈତିକ ଦଳଗୁଡ଼ିକ ଦେଉଛନ୍ତି ମାଗଣା ଉପହାର । ନିର୍ବାଚନକାଳୀନ ଏହି ମାଗଣା ପ୍ରଲୋଭନକୁ ଘୋର ତିରସ୍କାର କରିଛନ୍ତି ସର୍ବୋଚ୍ଚ ଅଦାଲତ । ମାଗଣାଦିଆ ସଂସ୍କୃତି ଗତ ଦଶନ୍ଧି ତଳେ କାୟାବିସ୍ତାର କରିଥିଲା । ଏହାର ଉଦ୍ୟୋକ୍ତା ଥିଲା ଆମ ଆଦମୀ ପାର୍ଟି (ଆପ୍) । ଗତ ଫେବ୍ରୁଆରୀ ଦିଲ୍ଲୀ ନିର୍ବାଚନରେ ଦଳ ଶୋଚନୀୟ ପରାଜୟ ବରଣ କରିଛି । ଆପ୍‌ର ମାଗଣା ପ୍ରଦାନ ପ୍ରଲୋଭନକୁ ଦିଲ୍ଲୀ ମତଦାତା ଏଥର ପ୍ରଶ୍ରୟ ଦେଇନାହାନ୍ତି । ଏହି ଦୁଇଟି ଯାକ ଘଟଣାକ୍ରମରୁ କ୍ଷୀଣ ଆଶା ଉଦ୍ରେକ ହୋଇଛି ଯେ, ଆଗାମୀ ଦିନରେ ଭୋଟରଙ୍କୁ ଏପରି ଲାଞ୍ଚଦେବା ଆତଙ୍କର ପରିସମାପ୍ତି ଘଟାଇବେ ସ୍ୱୟଂ ଜନତାଜନାର୍ଦ୍ଦନ କିମ୍ବା ମାନନୀୟ ଅଦାଲତ । ନୋହିଲେ ଦିନେ ନା ଦିନେ ଏହି ପ୍ରକ୍ରିୟା ଦେଶର ଅର୍ଥନୀତିକୁ ଭୁଶୁଡ଼ାଇଦେବ ।

ଦିଲ୍ଲୀ ନିର୍ବାଚନ ସମୟରେ ଆପ୍ ପୂର୍ବପରି ଭୋଟରଙ୍କ ପାଇଁ ମାଗଣା ଉପହାର ଯୋଜନାମାନ ଘୋଷଣା କରିଥିଲା । ଏହା ସତ୍ତ୍ୱେ ଆପ୍ ପ୍ରତ୍ୟାଖ୍ୟାତ ହେଲା । ଅନ୍ୟପକ୍ଷରେ ସୁପ୍ରିମକୋର୍ଟଙ୍କ ବିଚାରପତି ଜଷ୍ଟିସ ବି.ଆର୍. ଗାଭାଇ ରାଜନୈତିକ ଦଳଗୁଡ଼ିକ ଉପରେ ପ୍ରବଳ ବର୍ଷିଛନ୍ତି । ରାଜନୈତିକ ଦଳଗୁଡ଼ିକଙ୍କ ଆର୍ଥିକ ଦୁର୍ଗତି ସୃଷ୍ଟିକାରୀ ମାଗଣା ବଣ୍ଟନ ପ୍ରୋତ୍ସାହନ ଯୋଗୁଁ ଦେଶରେ 'ପରଜୀବୀ ଶ୍ରେଣୀ ସୃଷ୍ଟି କରୁଛି' ବୋଲି ଜଷ୍ଟିସ ଗାଭାଇ କଡ଼ା ଟିପ୍ପଣୀ ଦେଇଛନ୍ତି ।

ଦୁଇ ଦଶନ୍ଧି ତଳେ ଫ୍ରିବିଜ୍ ସଂସ୍କୃତିର ଅୟମାରମ୍ଭ ହୁଏ ତାମିଲନାଡୁରେ । ତାମିଲନାଡୁର ରାଜନୈତିକ ଦଳଗୁଡ଼ିକ ଭୋଟରଙ୍କୁ ପ୍ରଲୋଭିତ କରିବା ଲାଗି ମାଗଣାଦେବାର ସୀମା ସରହଦ ଟପିଯାଇଥିଲେ । ଭୋଟରଙ୍କୁ ସେମାନେ ମାଗଣାରେ ଟିଭି ସେଟ୍, ମିକ୍ସର- ଗ୍ରାଇଣ୍ଡର, କମ୍ପ୍ୟୁଟର, ଲାପଟପ୍, ଘରକରଣା ସାମଗ୍ରୀ ଇତ୍ୟାଦି ବାଣ୍ଟିଥିଲେ । ତେବେ ଏହି 'ମାଗଣା' ରୋଗ ଦୀର୍ଘଦିନ ବ୍ୟାପି ତାମିଲନାଡୁର ପଡ଼ୋଶୀ ରାଜ୍ୟ କର୍ଣ୍ଣାଟକ, କେରଳ କିମ୍ବା ଦେଶର ଅନ୍ୟ କୌଣସି ରାଜ୍ୟକୁ ବ୍ୟାପିନଥିଲା । ଅଥଚ ରାଜନୈତିକ ଦୃଶ୍ୟପଟ୍ଟକୁ ଯେବେ ଅରବିନ୍ଦ କେଜ୍ରିୱାଲ ପ୍ରବେଶ କଲେ ସବୁକିଛି ବଦଳିଗଲା । ୨୦୧୪ରେ କେଜ୍ରିୱାଲଙ୍କ ଆମ ଆଦମୀ ପାର୍ଟି ୨୦୦ ୟୁନିଟ୍ ଯାଏଁ ମାଗଣା ବିଦ୍ୟୁତ୍, ମହିଳାଙ୍କ ପାଇଁ ମାଗଣାରେ ବସ୍ ଯାତ୍ରା, ମହିଳାଙ୍କୁ ମାସିକ ଅଗ୍ରିମ ଅର୍ଥ ପ୍ରଦାନ ଇତ୍ୟାଦିର ସୁବିଧା ଯୋଗାଇଦେବ କହି ଭୋଟରଙ୍କୁ ପ୍ରଲୁବ୍ଧ କଲା । ଆପ ଏହି ପ୍ୟାକେଜ୍ ଏତେବେଶୀ ଲୋଭନୀୟ ହୋଇପାରିଥିଲା ଯେ, ଦଳ ଦିଲ୍ଲୀ ବିଧାନସଭାର ମୋଟ୍ ୭୦ଟି ଆସନରୁ ୬୭ ଆସନ ପୋଛିନେଲା । ଖାଲି ଏତିକି ନୁହେଁ, ଦଳ ସେହି ନିର୍ବାଚନରେ ବିଜେପି ଠାରୁ ୨୨ପ୍ରତିଶତ ଅଧିକ ଭୋଟ ହାତେଇ ନିର୍ବାଚନୀ ଇତିହାସ ସୃଷ୍ଟି କରିଦେଲା । ୨୦୧୪ ଦିଲ୍ଲୀ ନିର୍ବାଚନରେ ଦେଶର ସବୁଠୁ ପୁରୁଣା ରାଜନୈତିକ ଦଳ କଂଗ୍ରେସ ପୂରା ସଫା ହୋଇଯାଇଥିଲା । ୨୦୧୯ ନିର୍ବାଚନ ବେଳେ ବି ଆପ୍ ତା'ର ଏପରି ମନମୋହକ କାର୍ଯ୍ୟକ୍ରମ ଜାରି ରଖିଲା ଏବଂ ପରିଣାମରେ ୭୦ ଆସନରୁ ୬୨ଟି ଆସନ ହାତେଇ ନେବାକୁ ସକ୍ଷମ ହେଲା । ବିଜେପି ନିଜର ଆସନ ସଂଖ୍ୟା ୩ରୁ ୮କୁ ବଢ଼ାଇପାରିଥିଲା ସତ, ମାତ୍ର ଆପ୍ ଠାରୁ କାହିଁ କେତେ ପଛରେ ପଡ଼ିଗଲା ।


ଦୀର୍ଘ ୧୦ବର୍ଷ ଧରି ଦିଲ୍ଲୀରେ ବିଜେପି ଏବଂ କଂଗ୍ରେସର ଯେପରି ଦୁର୍ଦ୍ଦଶା ହୋଇଥିଲା, ଏହା ଇଙ୍ଗିତ କରୁଥିଲା କି ଦୁଇ ବୃହତ ଦଳ ଯଦି ଆପକୁ ଟକ୍କର ଦେବାଭଳି 'ପ୍ରଲୋଭନର ଝୁଡ଼ି' ଭୋଟରଙ୍କ ସାମନାରେ ନରଖନ୍ତି ତେବେ କ୍ଷମତାକୁ ଫେରିବା ସେମାନଙ୍କ ପାଇଁ ସ୍ୱପ୍ନ ହୋଇଯିବ । କଂଗ୍ରେସ ଦିଲ୍ଲୀରେ ନିଜ ଅବସ୍ଥା ସୁଧାରି ପାରି ନ ଥିଲେ ହେଁ ୨୦୨୩ ମେ' କର୍ଣ୍ଣାଟକ ବିଧାନସଭା ନିର୍ବାଚନ ପାଇଁ ନୂଆ କରି ନିଜସ୍ୱ ଯୋଜନା ପ୍ରସ୍ତୁତ କରିଥିଲା । କର୍ଣ୍ଣାଟକ ଭୋଟରଙ୍କ ପାଇଁ ଆଣିଥିଲା ଫ୍ରିବିଜ୍ ମାଷ୍ଟର ପ୍ଲାନ୍ । କଂଗ୍ରେସର ତା'ର ନୂଆ ଯୋଜନା ବଳରେ ବିଜେପି ସରକାରକୁ ରାଜ୍ୟ ଶାସନରୁ ହଟାଇ ଦେଇଥିଲା । କଂଗ୍ରେସର ସ୍ୱତନ୍ତ୍ର ମାଗଣା ବଣ୍ଟନ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିଲା- ମହିଳାଙ୍କୁ ମାସିକ ୨ହଜାର ଟଙ୍କାର ବୃତ୍ତି ପ୍ରଦାନ ସହିତ ସରକାରୀ ବସ୍‌ରେ ମାଗଣା ଯାତ୍ରାର ସୁବିଧା, ଘର ପିଛା ୨୦୦ ୟୁନିଟ୍ ଲେଖାଁଏ ମାଗଣା ବିଦ୍ୟୁତ୍ ଯୋଗାଣ ଇତ୍ୟାଦି ଇତ୍ୟାଦି । ଦିଲ୍ଲୀ, କର୍ଣ୍ଣାଟକରେ ଯଥାକ୍ରମେ ଆପ୍ ଏବଂ କଂଗ୍ରେସ ନିକଟରେ ହାମୁଡ଼େଇବା ପରେ ବିଜେପି ସେହି କାଦୁଅରେ ଗୋଡ଼ ପୂରାଇବାକୁ ବିଚାର କରିବାକୁ ବାଧ ହେଲା । ପରିଣାମ ସ୍ୱରୂପ ମଧ୍ୟପ୍ରଦେଶ, ରାଜସ୍ଥାନ, ଛତିଶଗଡ଼ ଏବଂ ତେଲେଙ୍ଗାନାର ୨୦୨୩ ନଭେମ୍ବର ବିଧାନସଭା ନିର୍ବାଚନ ପାଇଁ ପ୍ରୋତ୍ସାହନମୂଳକ ଯୋଜନାର ଏକ ଥାକ ଭୋଟରଙ୍କ ସମ୍ମୁଖରେ ରଖିଦେଲା । ଥାକରେ ରଖିଥିଲା – ଲାଲୀ ଲକ୍ଷ୍ମୀ (ପ୍ରତ୍ୟେକ ମହିଳାଙ୍କୁ ମାସିକ ୧୨୫୦ଟଙ୍କା ଭତ୍ତା), କଲେଜ ପଢୁଆ ଝିଅଙ୍କୁ ସ୍କୁଟି, ଛାତ୍ରୀଙ୍କୁ ଗାଡ଼ି ଭଡ଼ା ବାବଦ ଭତ୍ତା ପ୍ରଦାନ ଇତ୍ୟାଦି । ପ୍ରକାଶଥାଉ କି, ଆମ ସମ୍ବିଧାନ ଭାଗ-୪ର ଡାଇରେକ୍ଟିଭ ପ୍ରିନିସିପଲ୍ସ ଅଫ୍ ଷ୍ଟେଟ୍ ପଲିସିରେ ଦେଶର ଗରିବ ନାଗରିକଙ୍କ ଜୀବନଧାରଣର ମାନରେ ଉନ୍ନତି ଆଣିବା ଲାଗି ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରମାନେ ସ୍ୱତନ୍ତ୍ର ପଦକ୍ଷେପ ନେଇପାରିବେ ବୋଲି ପ୍ରାବଧାନ ରହିଛି । ସେହି ଅନୁସାରେ ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ଚାଲିଛି ମଧ । ତେବେ ଆପ୍ ଏହାକୁ ଆଳ କରି ଯେଉଁ ବୃହଦାକାର ମାଗଣା ଯୋଜନା ଆରମ୍ଭ କଲା ତାହାର ପଦାନୁସରଣ କରିଥିଲା କଂଗ୍ରେସ । ପରବର୍ତ୍ତୀ ସମୟରେ ଉତ୍ତର ଭାରତ ଏବଂ ମଧ-ଭାରତର ବିଭିନ୍ନ ରାଜ୍ୟରେ ନିର୍ବାଚନ ସମୟରେ ବିଜେପି ଏବଂ ଅନ୍ୟାନ୍ୟ ଦଳଗୁଡ଼ିକ ଆପଣେଇ ନେଲେ ସମାନ କୌଶଳ । ଏଇ ଗଲା ଅକ୍ଟୋବର-ନଭେମ୍ବର ମାସରେ ମହାରାଷ୍ଟ୍ର, ହରିଆଣା ନିର୍ବାଚନରେ ମଧ ସମାନ ଅଭିଯାନ ଚଳାଇ ବିଜେପି ସଫଳତା ହାସଲ କରିଥିଲା ।

ଦିଲ୍ଲୀରେ ଦୀର୍ଘ ୧୦ବର୍ଷ ଧରି ଆପ୍‌ମୁହାଁ ହୋଇପଡ଼ିଥିବା ଭୋଟରଙ୍କ ମନ ବଦଳାଇବା ବିଜେପି ପାଇଁ ଥିଲା କାଠିକର ପାଠ । ଅରବିନ୍ଦ କେଜ୍ରିୱାଲ ଏବଂ ତାଙ୍କ ଦଳକୁ କ୍ଷମତାଚ୍ୟୁତ କରିବା ପାଇଁ ଆବଶ୍ୟକ ପଡ଼ିଥିଲା ବିଶେଷ ଧରଣର 'ଚାଣକ୍ୟ ନୀତି', ଯାହାକୁ ବହୁ ଦିନ ପୂର୍ବରୁ କାର୍ଯ୍ୟକାରୀ କରିବାର ପ୍ରକ୍ରିୟା ଆରମ୍ଭ କରିଦେଇଥିଲା ଦଳ । ଆପ୍ ମଦ ଦୁର୍ନୀତିର ପର୍ଦ୍ଦାଫାସ ଏହାର ଥିଲା ଅଂଶବିଶେଷ । କେଜ୍ରିୱାଲ ନିଜ ପାଇଁ ୪୫କୋଟି ଟଙ୍କା ଖର୍ଚ୍ଚ କରି ଯେଉଁ ସରକାରୀ ବାସ ଭବନର ନବୀକରଣ କରାଇଥିଲେ ଏହାକୁ 'ସୀସମହଲ' ନାମ ଦେଇ ବିଜେପି ଜୋରସୋର ଢଙ୍ଗରେ ପ୍ରସଙ୍ଗକୁ ଲୋକଙ୍କ ସାମନାକୁ ଆଣିଥିଲା, ଯାହା ଜରିଆରେ ବିଜେପି କେଜ୍ରିୱାଲଙ୍କ ଅସଲି ରୂପକୁ ପଦାରେ ପକାଇ ଦେଇଥିଲା । ଅରବିନ୍ଦ କେଜ୍ରିୱାଲ ନିଜକୁ ସାଧାରଣ ମଣିଷଙ୍କ ମଧ୍ୟରେ ଜଣେ ବୋଲି ପରିଚିତ କରାଇବାର ଯେଉଁ ଛଳନା କରିଆସୁଥିଲେ 'ସୀସମହଲ' ପ୍ରସଙ୍ଗ ହିଁ ସେହି ଛଳନାରେ ପୂର୍ଣ୍ଣଚ୍ଛେଦ ଟାଣିଦେଲା । ତେବେ ବିଜେପି ହୃଦୟଙ୍ଗମ କରିଥିଲା ଯେ, କେଜ୍ରିୱାଲଙ୍କୁ ହଟାଇବାକୁ ହେଲେ ପ୍ରସଙ୍ଗଭିତ୍ତିକ ଲଢ଼େଇ ଯଥେଷ୍ଟ ନୁହେଁ । ସାଙ୍ଗରେ 'ମାଗଣା' ପ୍ରଦାନ କୌଶଳକୁ ବି ଯୋଡ଼ିବାକୁ ପଡ଼ିବ । ଏଣୁ ଦିଲ୍ଲୀ ଭୋଟରଙ୍କୁ ଦେବାଲାଗି ଅନେକ ମାଗଣା ଉପହାରକୁ ଏକାଠି କଲା । ଆପ୍ ମହିଳାଙ୍କୁ ୨୧ଶହ ଟଙ୍କା ଲେଖାଏଁ ପ୍ରଦାନ ଘୋଷଣା ବିପକ୍ଷରେ ବିଜେପିର ପ୍ରତିଶ୍ରୁତି ଥିଲା- ୪ ମହିଳା ସମୃଦ୍ଧି ଯୋଜନାରେ ପ୍ରତ୍ୟେକ ମହିଳାଙ୍କୁ ମାସକୁ ୪ ୨୫୦୦ଟଙ୍କା ଦେବ । ଏଥିସହିତ ଦିବ୍ୟାଙ୍ଗ, ବିଧବା ଏବଂ ବରିଷ୍ଠ ନାଗରିକମାନଙ୍କୁ ପୂର୍ବାପେକ୍ଷା ଅଧିକ ଭତ୍ତା ଦେବ । ବସ୍ତିବାସିନ୍ଦାଙ୍କୁ ମନ ଜିଣିବା ଲାଗି ଘୋଷଣା କଲା 'ଅଟଳ - କ୍ୟାଣ୍ଟିନ' କାର୍ଯ୍ୟକ୍ରମ । ଏହି କାର୍ଯ୍ୟକ୍ରମ ଅନୁଯାୟୀ ମାତ୍ର ୫ଟଙ୍କା ଦରରେ ବସ୍ତିବାସିନ୍ଦାମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବାକୁ ପ୍ରତିଶ୍ରୁତିବଦ୍ଧ ହୋଇଥିଲା ।

ବିଭିନ୍ନ ରାଜ୍ୟରେ ବିଜେପିର ସଫଳତାରୁ ପ୍ରସଙ୍ଗଭିତ୍ତିକ ରାଜନୀତି ସହ ମାଗଣା ବଣ୍ଟନ ରାଜନୀତିର ଚର୍ଚ୍ଚା ଜୋର ଧରିଛି । ପରିଣାମ ଇଙ୍ଗିତ କରୁଛି, ଯଦିଓ ଫ୍ରିବିଜ୍ ସଂସ୍କୃତି ରାଜକୋଷକୁ କ୍ରମେ ଶୁଖାଇଦେବ, ତଥାପି ଏହାକୁ ଏଡ଼ାଇ ଦେଇହେବ ନାହିଁ । ଏ ପରିସ୍ଥିତିରେ ନୂଆବର୍ଷ ୨୦୨୫ ପ୍ରାରମ୍ଭର ଦୁଇଟି ଘଟଣାକ୍ରମ କିଛି ଭଲ ହେବାର ଆଶାକୁ ଉଜ୍ଜୀବିତ ରଖୁଛି । ତାହା ହେଉଛି, ଯଦିଓ ଭୋଟର ପ୍ରଲୋଭନକୁ ସମ୍ପୂର୍ଣ୍ଣ ଏଡ଼ାଇ ହେବନାହିଁ, କାଣ୍ଟଛାଣ୍ଟ କରିହେବ । 'ମାଗଣା ବଣ୍ଟନ' ରୋଗକୁ ସଂକ୍ରାମକ କରାଇବାରେ ଯିଏ ସର୍ବାଧିକ ଦାୟୀ ସେହି ରାଜନୈତିକ ଦଳ 'ଆମ ଆଦ୍‌ମୀ ପାର୍ଟି' ଦିଲ୍ଲୀରେ ହାରିଯିବା, ଆଶାର ପ୍ରଥମ କିରଣ ଅଟେ । ଦ୍ୱିତୀୟତଃ ଲଗାମ ହୀନ ମାଗଣା ସଂସ୍କୃତିକୁ ନେଇ ସୁପ୍ରିମକୋର୍ଟ ଜଷ୍ଟିସ୍ ଗାଭାଇଙ୍କ କଡ଼ା ଆଭିମୁଖ୍ୟ । ଏହି ମାଗଣା ବଣ୍ଟନକୁ ନେଇ ଏକ ମାମଲା ଏବେ ସୁପ୍ରିମକୋର୍ଟଙ୍କ ଏକ ଅଲଗା ଖଣ୍ଡପୀଠଙ୍କ ନିକଟରେ ଅଛି । ଏହା ଉପରେ ବିଚାର ବେଳେ ନିଶ୍ଚୟ ଭୋଟରଙ୍କୁ ମାଗଣା ପ୍ରଦାନ ପ୍ରଲୋଭନର ସପକ୍ଷବାଦୀ ତଥା ବିପକ୍ଷବାଦୀଙ୍କ ମଧରେ ପ୍ରବଳ ଯୁକ୍ତିତର୍କ ହେବା ଥୟ । ନାଗରିକମାନଙ୍କ ଜୀବନଧାରଣ ମାନର ଉନ୍ନତି ତଥା ଦାରିଦ୍ର୍ୟ ଦୂରୀକରଣ ଲାଗି ସମ୍ବିଧାନ ଦ୍ୱାରା ସରକାରଙ୍କୁ ଯେଉଁ ପରାମର୍ଶ ଦିଆଯାଇଛି, ତାହାକୁ ସର୍ବୋଚ୍ଚ ଅଦାଲତ କେଉଁ ଭାବରେ ଗ୍ରହଣ କରୁଛନ୍ତି ଏବଂ ତାହା ଉପରେ ବିଚାରର ଦିଗ ମୁଖ୍ୟତଃ ପର୍ଯ୍ୟବସିତ ହେବ ବୋଲି ଅନୁମାନ କରାଯାଇପାରେ ।

# ସର୍ବୋଦୟର ସାରତତ୍ତ୍ୱ

## ମହାତ୍ମା ଗାନ୍ଧୀ



ମାଲିକ ଓ ଶ୍ରମିକ ମଧରେ ହେଉଥିବା ସଂଗ୍ରାମରେ ମାଲିକମାନେ ହିଁ ଅଧିକତର ସମୟରେ ଭୁଲ ପକ୍ଷରେ ରହିଛନ୍ତି ବୋଲି ସାଧାରଣଭାବରେ କୁହାଯାଇ ପାରିବ । ମାତ୍ର, ଯେତେବେଳେ ଶ୍ରମିକ ଆପଣାର ଶକ୍ତି ବିଷୟରେ ପୂର୍ଣ୍ଣ ସଚେତନ ହେବ, ମାଲିକମାନଙ୍କ ଠାରୁ ସିଏ ଆହୁରି ଅଧିକ ଉତ୍ପୀଡ଼ନ କରିବାଲାଗି ସମର୍ଥ ହେବ ବୋଲି ମୋତେ ଜଣା ଅଛି । ଯଦି ଶ୍ରମିକମାନଙ୍କ ପାଖରେ ମାଲିକମାନଙ୍କର ବୁଦ୍ଧି ଥାଆନ୍ତା, ତେବେ ମିଲମାଲିକମାନେ ସେମାନଙ୍କର ଦାବି ଅନୁସାରେ ହିଁ ଅବଶ୍ୟ କାର୍ଯ୍ୟ କରନ୍ତେ । ଅବଶ୍ୟ, ଏହି କଥାଟି ସ୍ପଷ୍ଟ ହୋଇ ଯାଉଛି ଯେ, ଶ୍ରମିକଶ୍ରେଣୀ କେବେହେଲେ ମଧ ସେତେ ବୁଦ୍ଧିର ଅଧିକାରୀ ହୋଇ ପାରିବ ନାହିଁ । ସେତେ ବୁଦ୍ଧି ହାସଲ କରି ପାରିଲେ ଶ୍ରମିକ ଆଉ ଶ୍ରମିକ ହୋଇ ରହିବ ନାହିଁ ଓ ସ୍ୱୟଂ ମାଲିକ ହୋଇଯିବ । ମାଲିକମାନେ କେବଳ ଧନ ବଳରେ କଦାପି ଲଢ଼ାଇ କରନ୍ତି ନାହିଁ । ସେମାନଙ୍କ ପାଖରେ ବୁଦ୍ଧି ଏବଂ କାର୍ଯ୍ୟକୁଶଳତା ମଧ ରହିଥାଏ ।

ଏହି ଦୁଇ ପକ୍ଷ ମଧରେ ଏକ ତୃତୀୟ ପକ୍ଷର ମଧ ଆବିର୍ଭାବ ହୋଇଛି । ତାହା ଶ୍ରମିକର ବନ୍ଧୁ ହୋଇ ଦେଖା ଦେଇଛି । ଏହିପରି ଗୋଟିଏ ପକ୍ଷର ଅବଶ୍ୟ ଆବଶ୍ୟକତା ଅଛି । ଏହି ପକ୍ଷର ଯେତିକି ପରିମାଣରେ ଶ୍ରମିକମାନଙ୍କ ପ୍ରତି ଏକ ନିଃସ୍ୱାର୍ଥପର ବନ୍ଧୁଭାବ ରହିଥିବ, କେବଳ ସେତିକି ପରିମାଣରେ ହିଁ ତାହା ସେମାନଙ୍କର ବନ୍ଧୁ ହୋଇ ପାରିବ ।

ବର୍ତ୍ତମାନ ଏକ ଏଭଳି ସମୟ ଆସି ପହଞ୍ଚିଛି, ଶ୍ରମିକକୁ ଏକ କାଠପିତୁଳା ପରି ଏକାଧିକ ପ୍ରକାରେ ବ୍ୟବହାର କରିବା ନିମନ୍ତେ ଉଦ୍ୟମ କରାଯିବ । ଯେଉଁମାନେ ରାଜନୀତିରେ ଭାଗ ନେଉଛନ୍ତି, ସେମାନଙ୍କ ଠାରେ ଏହି କ୍ଷେତ୍ରରେ ଏକ ବିଚାରବୃଦ୍ଧି ରହିଥିବା ଉଚିତ । ସେମାନେ କେଉଁ ପଥଟିକୁ ବାଛିବେ ? ନିଜ ସ୍ୱାର୍ଥକୁ ନା ଶ୍ରମିକମାନଙ୍କର ତଥା ଜାତିର ସ୍ୱାର୍ଥକୁ ବାଛିବେ ? ଶ୍ରମିକମାନଙ୍କର ବନ୍ଧୁ ଲାଗି ଏକାନ୍ତ ଆବଶ୍ୟକତା ରହିଛି । ଏକ ନେତୃତ୍ୱ ବ୍ୟତୀତ ସେମାନେ ଆଗକୁ ଯାଇ ପାରିବେ ନାହିଁ । କେଉଁ ଧରଣର ବ୍ୟକ୍ତିମାନେ ସେହି ନେତୃତ୍ୱକୁ ଗ୍ରହଣ କରିବେ, ତାହା ହିଁ ଶ୍ରମିକର ଅବସ୍ଥାକୁ ନିର୍ଦ୍ଧାରଣ କରିବ ।

ଧର୍ମଘଟ କରିବା, କାମ ବନ୍ଦ କରିବା ଓ ହରତାଳ କରିବା ଯେ ଗୋଟିଏ ଗୋଟିଏ ଭାରି ଚମତକାର କଥା, ସେଥିରେ କୌଣସି ସନ୍ଦେହ ନାହିଁ, ମାତ୍ର ଅତ୍ୟନ୍ତ ସହଜରେ ହିଁ ସେଗୁଡିକର ଅପବ୍ୟବହାର କରାଯାଇପାରିବ । ଶ୍ରମିକମାନଙ୍କର ଆପଣାକୁ ଶକ୍ତିଶାଳୀ ନାନା ସଂଗଠନରେ ସଂଗଠିତ କରି ଆଣିବା ଉଚିତ ଏବଂ କୌଣସି ପରିସ୍ଥିତିରେ ମଧ ଏହି ସଂଗଠନଗୁଡିକର ଅନୁମୋଦନ ବ୍ୟତୀତ ସେମାନଙ୍କର ଧର୍ମଘଟ କରିବା ଉଚିତ ନୁହେଁ ।

ମିଲମାଲିକମାନଙ୍କ ସହିତ ଆଗ କଥାବାର୍ତ୍ତା ନ କରି କୌଣସି ଧର୍ମଘଟର ପଦକ୍ଷେପ ନିଆଯିବ ନାହିଁ । ଯଦି ମିଲମାଲିକମାନେ ମଧସ୍ଥତାକୁ ମାନିନେବେ, ତେବେ ସେହି କ୍ଷେତ୍ରରେ ପଞ୍ଚାୟତ ନୀତିର ଅବଲମ୍ବନ କରାଯିବ । ଥରେ ପଞ୍ଚମାନେ ନିଯୁକ୍ତ ହୋଇଯିବା ପରେ, ନିଜର ପସନ୍ଦ ମୁତାବକ ହେଉ ବା ନହେଉ ଉଭୟ ପକ୍ଷକୁ ସେମାନଙ୍କର ନିଷ୍ପତ୍ତିକୁ ସମାନଭାବରେ ମାନିନେବାକୁ ହେବ ।

ଜଣେ ବ୍ୟକ୍ତି ଆଧାତ୍ମିକତାର ଅଧିକାରୀ ହେବ ଏବଂ ତା'ର ଚାରିପାଖରେ ଥିବା ଅନ୍ୟମାନେ ଦୁଃଖ ଭୋଗ କରୁଥିବେ, ଏ କଥାରେ ମୁଁ ବିଶ୍ୱାସ କରେ ନାହିଁ । ମୁଁ ଅଦ୍ୱୈତରେ ବିଶ୍ୱାସ କରେ ମନୁଷ୍ୟର ମୂଳଭୂତ ଏକଧର୍ମିତ୍ୱରେ ବିଶ୍ୱାସ କରେ ଏବଂ ସେହି କାରଣରୁ, ଜୀବନଧାରୀ ସବୁକିଛିର ଏକତ୍ୱରେ ବିଶ୍ୱାସ ମଧ କରେ । ତେଣୁ ମୁଁ ବିଶ୍ୱାସ କରେ ଯେ, ଯଦି ଜଣେ ବ୍ୟକ୍ତି ଆଧାତ୍ମିକଭାବରେ ଲାଭବାନ୍ ହୁଏ, ତେବେ ତଦ୍ୱାରା ସମଗ୍ର ପୃଥିବୀ ମଧ ଲାଭବାନ୍ ହୁଏ ଏବଂ ଯଦି ଜଣେ ବ୍ୟକ୍ତିର ପତନ ହୁଏ, ସେହି ପରିମାଣରେ ସମଗ୍ର ପୃଥିବୀର ମଧ ପତନ ଘଟିଥାଏ ।

ଆଧାତ୍ମିକ ବିଧାନର କାର୍ଯ୍ୟ କରିବା ପାଇଁ ଏକ ନିଜସ୍ୱ ଓ ସ୍ୱତନ୍ତ୍ର କ୍ଷେତ୍ର ରହିଛି ବୋଲି ମୁଁ ବିଶ୍ୱାସ କରେ ନାହିଁ । ବରଂ ଅନ୍ୟ ପକ୍ଷରେ ଏହା ଆପଣଙ୍କୁ ଜୀବନର ନିତ୍ୟନୈମିତ୍ତିକ କାର୍ଯ୍ୟଗୁଡିକର ମାଧମରେ ହିଁ ବ୍ୟକ୍ତ କରିଥାଏ । ଏହିପରି ଭାବରେ ତାହା ଅର୍ଥନୀତିକ, ସାମାଜିକ ଏବଂ ରାଜନୀତିକ କ୍ଷେତ୍ର ଗୁଡିକୁ ମଧ ପ୍ରଭାବିତ କରୁଥାଏ । ଯଦି ଆମେ ଈଶ୍ୱରଙ୍କର ସେବା କରିବା ଓ ଈଶ୍ୱରଙ୍କ ସହିତ ଏକାତ୍ମ ହେବା, ତେବେ ଆମର କାର୍ଯ୍ୟ ମଧ ତାଙ୍କରି କାର୍ଯ୍ୟପରି ଅବଶ୍ୟ ଅକ୍ଳାନ୍ତ ହେବ । ମହାସମୁଦ୍ରଠାରୁ ଅଲଗା ହୋଇ ଯାଇଥିବା ଏକ ଜଳବିନ୍ଦୁ ଲାଗି ହୁଏତ ସାମୟିକ ବିଶ୍ରାମର କଳ୍ପନା କରା ଯାଇପାରେ, ମାତ୍ର ମହାସମୁଦ୍ର ମଧରେ ରହିଥିବା ଏକ ଜଳବିନ୍ଦୁ ଲାଗି ସେପରି କଦାପି କଳ୍ପନା କରିହେବ ନାହିଁ । ଗୋଟାଏ ମୁହୂର୍ତ୍ତ ପାଇଁ ମଧ ତା'ର ବିଶ୍ରାମ ନ ଥାଏ । ଆମ ଜୀବନରେ ମଧ ଠିକ୍ ସେହିପରି ଘଟିଥାଏ । ଈଶ୍ୱରଙ୍କର ଆକାରରୂପୀ ମହାସମୁଦ୍ର ସହିତ ଆମେ ଯେତେବେଳେ ଏକାକାର ହୋଇଯାଉ, ସେହି ମୁହୂର୍ତ୍ତରୁ ହିଁ ଆମଲାଗି ଆଉ କୌଣସି ବିଶ୍ରାମ ନ ଥାଏ । ବସ୍ତୁତଃ ବିଶ୍ରାମ ଲାଗି ଆମର ଆଦୌ କୌଣସି ପ୍ରୟୋଜନ ରହେ ନାହିଁ । ଆମର ନିଦ୍ରା ମଧ ଏକ କ୍ରିୟାରେ ପରିଣତ ହୁଏ । କାରଣ, ହୃଦୟ ଭିତରେ ଈଶ୍ୱରଙ୍କର ଭାବନାକୁ ଧାରଣ କରି ହିଁ ଆମେ ଶୋଇବାକୁ ଯାଉଁ । ଏହି ବିଶ୍ରାମହୀନତାରେ ଅସଲ ବିଶ୍ରାମ ନିହିତ ହୋଇ ରହିଥାଏ । ଏହି ଅବିଶ୍ରାନ୍ତ ଆଲୋଡ଼ନ ହିଁ ଆକର୍ଷଣୀୟ ଶାନ୍ତିର କାରଣ ହୋଇଥାଏ । ସମଗ୍ର ସମର୍ପଣର ଏହି ସର୍ବୋଚ୍ଚ ଅବସ୍ଥାଟିକୁ ବର୍ଣ୍ଣନା କରି କହିବା ଅତ୍ୟନ୍ତ କଷ୍ଟକର, ମାତ୍ର ତାହା କଦାପି ମନୁଷ୍ୟର ଅନୁଭବ ବାହାର ହୋଇ ରହି ନ ଥାଏ । ବହୁ ଉତ୍ସର୍ଗୀକୃତ ମନୁଷ୍ୟାତ୍ମା ତାହାର ଉପଲବ୍ଧି କରିଛନ୍ତି ଏବଂ ଆମେ ନିଜେ ମଧ ତାହାର ଉପଲବ୍ଧି କରି ପାରିବା ।

# ସ୍ୱର୍ବେଦ


**ମହିମା ସନ୍ତ ମହାନ ହେଁ, ସନ୍ତ ରୂପ ଭଗଓ୍ୱନ୍ତ ।**
**ହରି ହରିଜନ ଅନ୍ତ ନହାଁ, ଯହ ଗତି ଜାନତ ସନ୍ତ ॥୪୦॥**

ଭାଷ୍ୟ - ସନ୍ଥଜନଙ୍କର ମହତି ମହିମା ଥାଏ । ସନ୍ଥ ଭଗବନ୍ତ ସ୍ୱରୂପ ହୋଇଥାନ୍ତି । ହରି ଏବଂ ହରିଙ୍କର ଜନ ମଧ୍ୟରେ କୌଣସି ଅନ୍ତର ନାହିଁ । ଏହି ଜ୍ଞାନକୁ ସନ୍ଥଜନ ଜାଣନ୍ତି ।

**ଅଜଗର ଓ୍ୱୃତ୍ତି ଏକ ସନ୍ତ କୀ, ଆପ ଆପ ମିଲ ଖାଯ୍ ।**
**ପ୍ରାରବ୍ଧ ହରି କୀ କୃପା, ଆପନ କରତ ଉପାଯ୍ ॥୪୧॥**

ଭାଷ୍ୟ - ଅଜଗର ସର୍ପ ନିଜର ଭୋଜନ ନିମନ୍ତେ କୌଣସି ଉପାୟ ଅନ୍ୟ ସ୍ଥାନକୁ ଯାଇ କରେ ନାହିଁ, ତାକୁ ବସିବା ସ୍ଥାନରେ ଯାହା ମିଳିଯାଏ ତାକୁ ହିଁ ଖାଇଥାଏ । ଏତାଦୃଶ ଭାବରେ ସନ୍ଥର ବୃତ୍ତି ହୋଇଥାଏ, ସେମାନଙ୍କୁ ପ୍ରାରବ୍ଧ ଅଥବା ପ୍ରଭୁଙ୍କର କୃପା ସ୍ୱଙ୍ଗ ଯାହା ପ୍ରାପ୍ତ ହୁଏ, ତାକୁ ଭୋଜନ କରିଥାନ୍ତି । ସେଥିପାଇଁ ଅନ୍ୟ କୌଣସି ଉପାୟ କରନ୍ତି ନାହିଁ । ଏହି ବୃତ୍ତି ଏକାକୀ ଅଥବା ଏକାନ୍ତରେ ରହି ଭଜନ କରୁଥିବା ସନ୍ଥର ହୋଇଥାଏ । ସନ୍ଥ ଏଭଳି ମଧ୍ୟ ହୋଇଥାନ୍ତି ।

**ଭିକ୍ଷା ଅମୃତ ଦୂସରା, ଉଦର ସମାତା ଲେଯ୍ ।**
**ପାଲକ ସମରଥ ସାଥ ହେଁ, ଜବ**




**ମାଁଗେ ତବ ଦେଯ୍ ॥୪୨॥**

ଭାଷ୍ୟ - ଅନ୍ୟ ସନ୍ଥ ଏହି ପ୍ରକାର ହୋଇଥାନ୍ତି, ଯିଏ ଉଦର ପୂରଣ ନିମନ୍ତେ ଅମୃତ ଭିକ୍ଷା ପ୍ରାପ୍ତ କରି ଭଜନ କରିଥାନ୍ତି । ତ୍ରାଣକର୍ତ୍ତା ପୂର୍ଣ୍ଣଧନୀ ସାଥିରେ ଅଛନ୍ତି, ଯେତେବେଳେ ମାଗିଲେ ସେତେବେଳେ ସେହି ପ୍ରଭୁ ସେମାନଙ୍କୁ ପ୍ରଦାନ କରନ୍ତି ।

**ସଦ୍‌ଗୁରୁ ଋଷି ଆଶ୍ରମନ ମେଁ, ସନ୍ତ ଅନେକ ନିଓ୍ୱାସ ।**
**ଶିକ୍ଷା ଶିକ୍ଷା ପାଯ୍ ଜନ, ଅନ୍ତ ପୃଥକ କର ଓ୍ୱାସ ॥୪୩॥**

ଭାଷ୍ୟ - ସଦ୍‌ଗୁରୁମାନଙ୍କର ଋଷି ଆଶ୍ରମରେ ଅନେକ ସନ୍ଥ ବସବାସ କରିଥାନ୍ତି । କେହି ଶିକ୍ଷା ଦୀକ୍ଷା ପାଇ ସେଠାରେ ନିବାସ କରିଥାନ୍ତି ତ ଆଉ କେହି ବାହାରେ ଅନ୍ୟତ୍ର ସ୍ଥାନକୁ ଯାଇ ଭଜନ ଅଭ୍ୟାସ କରିଥାନ୍ତି । ଋଷି ଆଶ୍ରମ ସମସ୍ତ ସନ୍ଥମାନଙ୍କର ବ୍ରହ୍ମବିଦ୍ୟା ତତ୍ତ୍ୱଜ୍ଞାନ ତଥା ଆଭ୍ୟନ୍ତର ଭେଦ ସାଧନ ରହସ୍ୟ ବିଷୟରେ ଜାଣିବା ମୁଖ୍ୟ କେନ୍ଦ୍ର ହୋଇଥାଏ ।

**ଭୂମଣ୍ଡଲ ସଂସାର ମେଁ, ସଦ୍‌ଗୁରୁ କା ବହୁ ଧାମ ।**
**ବ୍ରହ୍ମବିଦ୍ୟା ପରଚାର ସୋ, ଅନ୍ତର ଗତି ସତ୍ୟନାମ ॥୪୪॥**

ଭାଷ୍ୟ - ଭୂମଣ୍ଡଳରେ ବ୍ରହ୍ମବିଦ୍ୟା ପ୍ରଚାର ନିମନ୍ତେ ସଦ୍‌ଗୁରୁଙ୍କର ଅନେକ ଆଶ୍ରମ ଥାଏ ଯେଉଁଠାରେ ସତ୍ୟନାମ, ସତ୍‌ପୁରୁଷ ପ୍ରାପ୍ତି ନିମନ୍ତେ ଅନ୍ତର-ସାଧନ-ଭେଦ ଯୋଗମାର୍ଗର ଉପଦେଶ ମିଳିଥାଏ ।

**ତୀନ ଭାଓ୍ୱ ତିନ ଓ୍ୱୃତ୍ତି ମେଁ, ସନ୍ଥ ରହେଁ ସଂସାର ।**
**ଶରଣାଗତ ପ୍ରଭୁ ତୀନ ହେଁ, ସୁମିରନ ଭଜନ ଓ୍ୱିଚାର ॥୪୫॥**

ଭାଷ୍ୟ - ଉପରୋକ୍ତ ତିନି ବୃତ୍ତି, ଅର୍ଥାତ୍ ତିନି ଭାବରେ ସନ୍ଥ ସଂସାରରେ ରହିଥାନ୍ତି । ସେ ତିନି ପ୍ରଭୁଙ୍କର ଶରଣାଗତ ହୋଇ ସ୍ମରଣ, ଭଜନ ଏବଂ ତତ୍ତ୍ୱଜ୍ଞାନକୁ ପ୍ରାପ୍ତ କରନ୍ତି ।

**ମନ ଓ୍ୱାଣୀ ହରି ମେଁ, ଲଗେ, ଶ୍ରଓ୍ୱଣ ରହେ ହରି ମାହିଁ ।**
**ଆତମ ହରି କା ଓ୍ୱାସ ହେଁ, ସବ ଅଙ୍ଗ ଦେଓ୍ୱ ସମାହିଁ ॥୪୬॥**

ଭାଷ୍ୟ - ମନ, ବାଣୀ ଏବଂ ଶ୍ରବଣ ପ୍ରଭୁଙ୍କ ଠାରେ ଲାଗି ରହିଛି ଆଉ ଆତ୍ମା ଏବଂ ସମଗ୍ର ଦେହ ସଂଘାତ, ଅଙ୍ଗ ପ୍ରତ୍ୟଙ୍ଗରେ ପରମପ୍ରଭୁ ବ୍ୟାପକ ହୋଇ ସମାହିତ ହୋଇଛନ୍ତି । ଶରୀର, ଇନ୍ଦ୍ରିୟ, ଆତ୍ମା ଏବଂ ପ୍ରକୃତିର ସମସ୍ତ ସ୍ଥାନରେ ଈଶ୍ୱର ଏକରସ ପରିପୂର୍ଣ୍ଣ ଭାବରେ ବ୍ୟାପ୍ତ ହୋଇଛନ୍ତି ।

**ଶବ୍ଦ ପୃଥକ ଚିନ୍ତନ ନହାଁ, ମନ ଓ୍ୱଚ କାଯ୍ୱା ସାର ।**
**ବ୍ୟାପକ ଏକ ସ୍ୱରୂପ ହେଁ, ସନ୍ତନ ପ୍ରାଣ ଅଧାର ॥୪୭॥**

ଭାଷ୍ୟ - ଶବ୍ଦ ଠାରୁ ଭିନ୍ନ କୌଣସି ଅନ୍ୟ ପଦାର୍ଥର ଚିନ୍ତନ ହୁଏ ନାହିଁ । ମନ, ବଚନ ଏବଂ କାୟର ମୂଳତତ୍ତ୍ୱ ସାରଶବ୍ଦ ଅଟନ୍ତି, ସେହି ବ୍ୟାପକ ଏକ ସ୍ୱରୂପର ନିରନ୍ତର ଭଜନ ହୋଇଥାଏ । ସନ୍ଥମାନଙ୍କର ଏକମାତ୍ର ଜୀବନ ଆଧାର ଶବ୍ଦ, ପରମ ପୁରୁଷ ଅଟନ୍ତି ।

**ଦମ ଦମ ପଲ ପଲ ଭଜନ ମେଁ, ସନ୍ତ ଦଶା ନିଷ୍କାମ ।**
**ମନ ପ୍ରପଞ୍ଚ ଭାଓ୍ୱେ ନହାଁ, ପ୍ରଭୁ ତଜି ଅଓ୍ୱର ନ କାମ ॥୪୮॥**

ଭାଷ୍ୟ - ସନ୍ଥର ଅବସ୍ଥା ସର୍ବଦା ନିଷ୍କାମ ହୋଇଥାଏ । ସେ ପ୍ରତ୍ୟକ ଶ୍ୱାସ ପ୍ରଶ୍ୱାସ ଏବଂ ପ୍ରତି କ୍ଷଣ ପ୍ରଭୁଙ୍କ ଭଜନରେ ଲିପ୍ତ ରହିଥାନ୍ତି । ମନର ପ୍ରପଞ୍ଚ ତାକୁ ଭଲ ଲାଗେ ନାହିଁ । ସେ ପ୍ରଭୁ ଭକ୍ତି ଅତିରିକ୍ତ ଅନ୍ୟ କାର୍ଯ୍ୟ ପ୍ରତି ଅନାସକ୍ତ ରହେ । ପ୍ରଭୂ ଭକ୍ତି ହିଁ ତା ଜୀବନର ଏକମାତ୍ର ଲକ୍ଷ୍ୟ ।

# ଥଣ୍ଡାରୁ ରକ୍ଷା କରିବ ଦହି

ସାଧାରଣ ଥଣ୍ଡାରୁ ମୁକ୍ତି ପାଇବାକୁ ଚାହୁଁଥିବା ବ୍ୟକ୍ତିଙ୍କ ପାଇଁ ଦହି ସହାୟକ ହୋଇପାରେ ବୋଲି ଏକ ନୂଆ ଅଧ୍ୟୟନ ଦାବି କରିଛି । ସାଧାରଣତଃ ଥଣ୍ଡାରେ ନାକରୁ ପାଣି ବାହାରିଲେ କିମ୍ବା ତଣ୍ଟି ଦରଜ ହେଲେ ଆମେ ଘରୋଇ ଉପଚାର ଆପଣେଇଥାଉ । ହର୍ବାଲ ଚା’ ଅଦା, ମହୁ ଆଦି ମିଶ୍ରଣରେ ପ୍ରସ୍ତୁତ ପାନୀୟ ସୁପ୍, ଆଦି ଥଣ୍ଡା ଓ କଫ





ଦୂର କରିବାରେ ରାମବାଣ ଭଳି କାମ କରେ । ଏହି ସବୁ ଘରୋଇ ଉପଚାରରେ ଦହି ସାମିଲ କରିବାକୁ ଏବେ ଗବେଷକମାନେ ପ୍ରସ୍ତାବ ଦେଇଛନ୍ତି । ତେବେ ଅଧିକାଂଶ ଗବେଷକ ଥଣ୍ଡାରେ ଦହିର ଉପକାରିତା ଉପରେ ଗୁରୁତ୍ୱ ଦିଅନ୍ତି ନାହିଁ । କିନ୍ତୁ ଦହିରେ ଥିବା ପ୍ରୋବାୟୋଟିକ୍ସ ରୋଗ ପ୍ରତିରୋଧକ ପ୍ରଣାଳୀକୁ ଆହୁରି ମଜବୁତ୍ କରେ ବୋଲି ନ୍ୟୁଟ୍ରିସନ୍ ରିସର୍ଚ୍ଚ ଫର ନ୍ୟାସନାଲ ଡେରି କାଉନସିଲର ଭାଇସ୍ ପ୍ରେସିଡେଣ୍ଟ ମାଇକି ରୁବିନ୍ କହିଛନ୍ତି ।

## ଟିକିଏ ହସନ୍ତୁ

ବାପା : ଆଜି ପରୀକ୍ଷାରେ ତୋର କେତେ ମାର୍କ ଆସିଲା ?
ଛୋଟୁ : ମୋଟୁ ଠାରୁ ୨୦ ମାର୍କ କମ୍ !
ବାପା : ତେବେ ମୋଟୁ କେତେ ମାର୍ଗ ରଖିଛି ?
ଛୋଟୁ : ୨୦ ନମ୍ବର ।

× × × ×

ପ୍ରଥମ ବେଙ୍ଗ ଛତାରେ କଣା ଥିବାର ଦେଖି ଦ୍ୱିତୀୟ ବେଙ୍ଗକୁ କହିଲା ଆରେ, ତୋ ଛତାରେ କଣା କାହିଁକି ଅଛି ?
ଦ୍ୱିତୀୟ ବେଙ୍ଗ : ଆରେ ମୂର୍ଖ ବର୍ଷା ଛାଡିଲା ବୋଲି କେମିତି ଜଣାପଡିବ, ସେଥିପାଇଁ ମୁଁ ଛତାରେ କଣା କରି ଦେଇଛି ।

× × × ×

ଚାରିଜଣ ସାଙ୍ଗ ଗୋଟେ ହୋଟେଲକୁ ଗଲେ ଖାଇବାକୁ । ଖାଇସାରି ବିଲ୍ ଦେବାକୁ ନେଇ ତାଙ୍କ ମଧରେ ଝଗଡା ଲାଗିଲା । ଶେଷରେ ନିଷ୍ପତ୍ତି ହେଲା ଯିଏ ପ୍ରଥମେ ହୋଟେଲ ଚାରିପଟେ ବୁଲିବ ସେ ପେମେଣ୍ଟ କରିବ । ମ୍ୟାନେଜର ସିଟି ବଜାଇଲେ ଚାରିଜଣ ଯାକ ଦୌଡିବା ଆରମ୍ଭ କଲେ ।
୧୦ ଦିନ ହୋଇଗଲାଣି ବିଚରା ମ୍ୟାନେଜର ଆଜି ବି ସେମାନଙ୍କୁ ଅପେକ୍ଷା କରିଛି ।

× × × ×



ବାପା : ସାପ ଲାଞ୍ଜରେ ହାତ ମାରିବାର ଅର୍ଥ କ’ଣ ?
ପୁଅ : ମାମାକୁ ତା’ ବାପଘରକୁ ଯିବା ପାଇଁ ମନା କରିବା ।
ବାପା : କ’ଣ କହିଲୁ ?
ପୁଅ : ମୁଁ କ’ଣ ଭୁଲ୍ କହିଲି ? ସେଦିନ ତମେ ମାମାକୁ ତା’ ବାପଘର ଯିବାକୁ ମନା କରିବାରୁ ସେ ପୁରା ନାଗିନ ପରି ଫଣା ଟେକି ନ ଥିଲା ?

× × × ×

ଥରେ ଜେଜେବାପା, ଜେଜେ ମା’ ନିଷ୍ପତ୍ତି ନେଲେ ପୁରୁଣା ଦିନରେ ଦୁହେଁ ଯେମିତି ଲୁଚିଛପି ଦେଖା କରୁଥିଲେ ସେମିତି ଦେଖା କରିବେ । ପରଦିନ ଜେଜେବାପା ଗୋଲାପ ଫୁଲ ଧରି ଆଗରୁ ଯୋଉ ବଗିଚାରେ ଦେଖା ହେଉଥିଲେ ସେଠାରେ ପହଞ୍ଚିଲେ । ଘଣ୍ଟା ଘଣ୍ଟା ଅପେକ୍ଷା କରିବା ସତ୍ତ୍ୱେ ଜେଜେମା’ ଆସିଲେନି ।
ଜେଜେ ବାପା ରାଗିକି ଘରକୁ ଯାଇ ଦେଖିଲେ ଜେଜେ ମା’ ଘରେ ଅଛନ୍ତି ।
ଜେଜେବାପା : ଘଣ୍ଟା ଘଣ୍ଟା ଅପେକ୍ଷା କଲି ହେଲେ ତମେ ଆସିଲନି କାହିଁକି ?
ଜେଜେମା : କ’ଣ କରିଥାନ୍ତି ଯେ, ବୋଉ ପରା ଛାଡିଲାନି ।

× × × ×

ମା’ ପୁଅକୁ ଫୋନ କରି : ତୁ ଜଲ୍‌ଦି ଆସ୍ ।
ପୁଅ : କାହିଁକି କ’ଣ ହେଇଛି ?
ମା : ବୋହୁକୁ ପାରାଲିସିସ୍ ଆଟାକ୍ କରିଛି ବୋଧେ ।
ପୁଅ : ତୁ କେମିତି ଜାଣିଲୁ ?
ମା : ସିଏ ମୁହଁ ବଙ୍କା କରି ଆଖି ଉପରକୁ ଓ ବେକ ବଙ୍କେଇକି ରଖି ଓଠକୁ ଘୁଷୁରି ଓଠ ଭଳି କରି ରଖିଛି ।
ପୁଅ : ଏଇ କଥା, ବ୍ୟସ୍ତ ହଅନା । ତା’ର କିଛି ହେଇନି । ସେ ସେଲ୍ଫି ଉଠଉଛି ।

### ରଂଗବତୀ ଦିନ୍ ଉପଲକ୍ଷେ

# ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆଙ୍କ ‘ମହକ’ କବିତାରେ ମାଟିର ବାସ୍ନା

**ଯଶୋବନ୍ତ ବିଶ୍ୱାଳ**



ସମ୍ବଲପୁରୀ ଭାଷା ସାହିତ୍ୟର ଜଣେ ଉତ୍ସର୍ଗୀକୃତ ସ୍ରଷ୍ଟା, ତୁଙ୍ଗସାରସ୍ୱତ ସାଧକ, ନିରଭିମାନୀ କବି ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ବ୍ୟକ୍ତିପୁରୁଷ ଭାବରେ ଯେପରି ସରଳ, ତରଳ ଅମାୟିକ ଜଣେ ସାରସ୍ୱତ ପୁରୁଷ ଭାବରେ ମଧ ତାଙ୍କ ଲେଖନୀ ସଦା ଚଳ ଚଞ୍ଚଳ । ଆଜିମଧ କାବ୍ୟ କବିତା ସୃଷ୍ଟି ପାଇଁ ତତ୍‌ପର । ଏହି ନିରଳସ ସାଧକଙ୍କ ଲେଖନୀ ନିଃସୃତ ଶହଶହ କବିତା, ଅନେକ କାବ୍ୟ, ବହୁ ନାଟକ ଗୀତିନାଟ୍ୟ ଦ୍ୱାରା ସମ୍ବଲପୁରୀ ଭାଷା ସାହିତ୍ୟ ପରିପୁଷ୍ଟ । କବି ଗୌନ୍ତିଆଙ୍କ ମସୀମୂନରେ ରୂପ ପରିଗ୍ରହ କରି ଉଠିଥିବା ଅନେକ କବିତା ସଙ୍କଳନ ମାନଙ୍କ ମଧରୁ ‘ଲୋକ ଦର୍ପନ’ରେ ଥିବା କବିତାଟିଏ ‘ମହକ’ ।

ମହକ କବିତା ମାଧମରେ କବି ଗୌନ୍ତିଆ ସମ୍ବଲପୁର ଅଞ୍ଚଳର ଇଷ୍ଟଦେବୀ ମାଆଁ ସମଲେଶ୍ୱରୀଙ୍କ ସ୍ତୁତି ସହିତ ସମ୍ବଲପୁରୀ ଭାଷାଭାଷୀ ଅଞ୍ଚଳର ସାରସ୍ୱତ ଗୌରବ, ବୀର ସନ୍ତାନମାନଙ୍କର ସ୍ମରଣ, ତଥା ଏ ଅଞ୍ଚଳର ଗୀତ, ବାଦ୍ୟ, ପରମ୍ପରା ମହାନତା ସମ୍ପର୍କରେ ମଧୁର ବର୍ଣ୍ଣନା ଦେଖିବାକୁ ମିଳେ ।

କବି ପ୍ରଥମ ପଦରେ ମାଆଁ ସମଲେଶ୍ୱରୀଙ୍କ ଶୁଭାଶିଷରେ ସମ୍ବଲପୁରୀ ଭାଷାର ମହାନତା ଯାହାକି ଦେଶ ବିଦେଶ, ଗଳି କନ୍ଦି ସବୁଆଡ଼େ ତାର ସୁନାମ ଉଡି ଚାଲିଛି ସେ ବିଷୟରେ ଲେଖିଛନ୍ତି-

ମହକ, ମହକ ମହକ
ମାଟିର ମହକ ମାଟିର ମହକ
ଯେନମାଟି ଭରି ରହିଛେ ତାର ମହକ ମାଆଁ
ସେ ମାଟିକେ ଝୁରିହେଉଛେ
ଦେଶ ବିଦେଶ ଅନ୍ଦିକନ୍ଦି ପରା ସହର ଖାଆଁ ।

କବି ଗୌନ୍ତିଆଙ୍କ ଭାଷା ପ୍ରତି କେତେ ଗଭୀର ମମତା, ଭାଷାର ତେଜ କେତେ ସୁଦୂର ପ୍ରସାରୀ, ମାଆ ସମଲେଶ୍ୱରୀଙ୍କ କରୁଣାର ପଟାନ୍ତର ନାହିଁ ।

ମାଁ ସମଲେଶ୍ୱରୀଙ୍କ ମାଟିରେ ପ୍ରକୃତି ତାର ଅବର୍ଣ୍ଣନୀୟ ଲାବଣ୍ୟ ଦ୍ୱାରା ଚିର ଭାସ୍ୱର । ଏଇ ମାଟିରେ ଚିରସବୁଜ ଘଞ୍ଚ ଅରଣ୍ୟାନୀ, ସଦା ଝର୍ଝରୀତ ଗିରିଝରଣା, ଏକତାର ଜୀବନ ଦାୟିନୀ ନଈନାଳ, ଜମିବାଡି ଖେତ ଖଳାରେ ହୀରା ନୀଳା, ସୁନାର ଗନ୍ତାଘର । ଏ ମାଟି ହୀରାଖଣ୍ଡ ନାମରେ ନାମିତ ମଧ । ଏଠିକାର ଚାଷାପୁଅ ଭାରି କର୍ମପ୍ରବଣ । ଏ ମାଟିର ସାରସ୍ୱତ ସ୍ରଷ୍ଟାମଧ ଅନନ୍ୟ କବିଙ୍କ ଭାଷାରେ-

ସେହି ମାଟି ଭରି ରହିଛି
ଝାର ଡଙ୍ଗର, ଝରିଝରନା ହୀରା ନୀଳାସୁନା
ନଏଦ ନଳା ଅନରଗଳା, ଜମିବାଏର ଖେତ ଖଳା
କର୍ମୀ ଚଷାପିଲା
ଗଙ୍ଗାଧରକେ ଭୀମଭୋଇ ବିନୋଦ ନାୟକ ନାଆଁ ।

କେବଳ ବୁରପୁତ୍ରଙ୍କ ପାଇଁ ଏ ମାଟି ମହୀୟାନ ନୁହେ ‘ଅପରନ୍ତୁ ବୀର ପୁତ୍ରମାନଙ୍କ ଅଶେଷ ସାହସ । ମାଟି ପାଇଁ ହସି ହସି ଶହୀଦ ହୋଇଥିବା ଅମର ଗାଥା ଚିର ଜାଜ୍ୱଲ୍ୟ ଯେପରି

ବୀର ସୁରେନ୍ଦ୍ର ବିର୍ସା ମୁଣ୍ଡା
କୁଞ୍ଜଲସିଂ ଘେଁସ ଜମିଦାର
କର୍ଣ୍ଣା କୁଲାବିରା

ଏତଦ୍‌ବ୍ୟତୀତ ମାଆଁ ସମଲେଶ୍ୱରୀ ମାଟିରେ ଥିବା ପୃଥିବୀର ସର୍ବବୃହତ୍ ନଦୀବନ୍ଧ, ବିଶ୍ୱବିଖ୍ୟାତ ସମ୍ବଲପୁରୀ ଶାଢ଼ୀ ଆଉ ବିଶ୍ୱ ପ୍ରସିଦ୍ଧ ଲାଭ କରିଥିବା ସମ୍ବଲପୁରୀ ଗୀତ (ରଂଗବତୀ) ଭଳି ଅଶେଷ ମହିମା ମଣ୍ଡିତ କୃତି ଓ କୀର୍ତ୍ତି ସହିତ ମାଆ ସମଲେଶ୍ୱରୀଙ୍କ ଅଭୟ ବରଦ ହସ୍ତ ସଦା ଉନ୍ମୁକ୍ତ କବିଙ୍କ ବର୍ଣ୍ଣନାନୁସାରେ -

ହୀରାକୁଦ ବନ୍ଧ ବନିଛେ
ସମ୍ବଲପୁରୀ ଶାଢ଼ୀ ଗୁନୁଛେ, ଗୀତ ବି ଭରିଛେ
ସବୁ ଦେଖୁଛେ ସଂଗେ ଅଛେ ଶିରୀସମଲେଇ ମାଆଁ ।

ଏଇ ମାଟିର ନାଚ, ଗୀତ, ବାଦ୍ୟ ପରମ୍ପରା ଓ ସଂସ୍କୃତି ସହ ଜନଜୀବନ ଓତଃପ୍ରୋତ ଭାବେ ସଂଶ୍ଳିଷ୍ଟ । ସେହି ଗାଥାକୁ ମଧ ଉଜ୍ଜୀବିତ କରି କବି ଲେଖିଛନ୍ତି-

ଡାଲଖାଇ ରସରକେଲି
ତାପ ଘୁମୁରା ସଜନୀଦୁଲି, ସମ୍ବଲପୁରୀ ବୁଲି
ଢ଼ୋଲ ନିସାନ, ତାସା, ମୁହୁରୀ
ଢୁଲକି ମାଦଲ ଶିଙ୍ଗ ମୁହୁରୀ
ରହିଛେ କେତେ ଭରି
ସଂସ୍କୃତି ପରମ୍ପରା ପୁରଥୀସାରା ମନ ଛୁଆଁ ।

ପ୍ରକୃତରେ କବି ମିତ୍ରଭାନୁ ଗୌନ୍ତିଆ କବିତାରେ ଏ ମାଟିର ନିଜସ୍ୱ ଶାଶ୍ୱତ କୃତି ଓ କୀର୍ତ୍ତି, ଅକ୍ଷୟ ଯଶ ଓ ଖ୍ୟାତିକୁ ଉଜ୍ଜିବିତ କରି ଭବିଷ୍ୟତ ଦାୟାଦ ମାନେ ନିଜ ନିଜ ଗୁଣ ଓ କର୍ମର ବାସ୍ନାରେ ବାସ୍ନାୟିତ କରିବା ପାଇଁ ଭରି ଦେଇଛନ୍ତି ନୂତନ ଚେତନା, ନବୀନ ପ୍ରେରଣା ଓ ନବ ଉନ୍ମାଦନା । ଏହିପରି କାଳଜୟୀ କବିତା ଦ୍ୱାରା ହିଁ ଭାଷା ସାହିତ୍ୟ ଯେପରି ରୁଚିବନ୍ତ ସେପରି ରୁଦ୍ଧିମନ୍ତ ।

**ଦେଉଳୀ, ପଦ୍ମପୁର**

# ବଥୁଆ ଶାଗର ଉପକାରିତା

ବଥୁଆ ଶାଗର ଅନେକ ଉପକାରିତା ରହିଛି । ପ୍ରତିଦିନ ଏହି ଶାଗ ଖାଇବା ଦ୍ୱାରା ପଥୁରୀ ରୋଗରୁ ରକ୍ଷା ମିଳିଥାଏ । ଏହା ଆମାଶୟକୁ ଶକ୍ତି ପ୍ରଦାନ କରେ । ଏହି ଶାଗର ପ୍ରକୃତି ହେଉଛି ଥଣ୍ଡା । ଏହି ଶାଗ ବିଶେଷ କରି ଗହମ କ୍ଷେତରେ ଅଧିକ ମାତ୍ରାରେ ହୋଇଥାଏ । ବଥୁଆ ଶାଗରେ ଲୌହ, ସ୍ୱର୍ଣ୍ଣ ଏବଂ କ୍ଷାର ଆଦି ତତ୍ତ୍ୱ ପୁରି ରହିଛି । ଶରୀରକୁ ସୁସ୍ଥ ରଖିବା ପାଇଁ ହେଲେ ଏହି ଶାଗ ନିୟମିତ ଖାଇବା ଦରକାର । ତେବେ ଏହି ଶାଗରେ ବେଶୀ ମସଲା ପକାଇବା ଉଚିତ ନୁହେଁ । କାରଣ ଏଥିରେ ତାହାର ଦ୍ରବ୍ୟଗୁଣ ନଷ୍ଟ ହୋଇଥାଏ । ଏଥିରେ ଲୁଣ ନ ପକାଇଲେ ଭଲ । ସ୍ୱାଦ ପାଇଁ ଯଦି ଲୁଣ ଚାହୁଁଥାନ୍ତି ତେବେ ସୈନ୍ଧବ ଲବଣ ପକାଇ ପାରନ୍ତି । ଘିଅ ଛୁଙ୍କ କରି ପାରନ୍ତି । ଏହି ଶାଗ ସିଝା ଯାଉଥିବା ପାଣି ଶରୀର ପାଇଁ ହିତକର । ବଥୁଆରେ ଦହି ପକାଇ ପ୍ରସ୍ତୁତ ହୋଇଥିବା ରାଇତା ବେଶ୍ ସ୍ୱାଦିଷ୍ଟ



ହୋଇଥାଏ । ଯେମିତି ବି ହେଉ ବଥୁଆ ଶାଗ ନିୟମିତ ଖାଇବା ଭଲ । ଏହା ମଧ ଶୁକ୍ରବର୍ଦ୍ଧକ ।

ବଥୁଆ ଆମାଶୟକୁ ଶକ୍ତି ପ୍ରଦାନ କରିଥାଏ । କିଛି ସପ୍ତାହ ଧରି ନିୟମିତ ବଥୁଆ ଶାଗ ଖାଇଲେ କୋଷ୍ଠକାଠିନ୍ୟ ଦୂର ହୋଇଥାଏ । ପେଟ ସଫା ରହେ । ଶରୀରରେ ସର୍ବଦା ଶକ୍ତି ଏବଂ ସ୍ଫୂର୍ତ୍ତି ଭରି ରହେ । ବଥୁଆ ଶାଗ ସବୁ ଋତୁରେ ମିଳେ ନାହିଁ । ତେବେ ଯେଉଁ ସମୟରେ ଏହା ମିଳିଥାଏ ନିୟମିତ ଏହାର ରସ କିମ୍ବା ସିଝା ଯାଇଥିବା ପାଣି ପିଅନ୍ତୁ । ଏହା ପେଟର ବିଭିନ୍ନ ରୋଗକୁ ଆରୋଗ୍ୟ କରିଥାଏ । ଅଜୀର୍ଣ୍ଣ, କୃମି, ବାୟୁରୋଗ ଆଦିକୁ ଦୂର କରେ ।

ପଥୁରୀରେ ପୀଡିତ ବ୍ୟକ୍ତି ନିୟମିତ ଏକ ଗ୍ଲାସ ବଥୁଆ ରସରେ ଚିନି ମିଶାଇ ପିଇବା ଦ୍ୱାରା ପଥର ଖଣ୍ଡ ଖଣ୍ଡ ହେଇ ବାହାରି ଯାଏ । ମୁଣ୍ଡରେ ନିଖ ହେଉଥିଲେ ବଥୁଆକୁ ସିଝାଇ ତା'ର ପାଣିରେ ମୁଣ୍ଡ ଧୋଇବା ଦ୍ୱାରା ନିଖ ମରିଯାଏ । କେଶ ମଧ ସଫା ହେଇଯାଏ ।

ମହିଳାଙ୍କ ମାସିକଧର୍ମରେ ଅନିୟମିତତା ଦେଖାଦେଲେ ଦୁଇ ଚାମଚ ବଥୁଆ ମଞ୍ଜି ନେଇ ସେଥିରେ ଗୋଟିଏ ଗ୍ଲାସ ପାଣି ଦେଇ ତାକୁ ଭଲ ଭାବେ ଫୁଟାନ୍ତୁ । ପାଣି ମରି ମରି ଅଧଗ୍ଲାସ ରହିଲେ ତାକୁ ଛାଣି ପିଇବାକୁ ଦିଅନ୍ତୁ । ଏହି ସମସ୍ୟା ଦୂର ହୋଇଯିବ । ଆଖି ଲାଲ୍ ପଡୁଥିଲେ ବା ଦରଜ ରହୁଥିଲେ ପ୍ରତିଦିନ ବଥୁଆ ଶାଗ ଖାଆନ୍ତୁ ।

ଅଧକିଲୋ ବଥୁଆରେ ତିନି ଗ୍ଲାସ ପାଣି ମିଶାଇ ସିଝାନ୍ତୁ । ଏହାପରେ ପାଣି ଛାଣି ଦିଅନ୍ତୁ । ଏହି ପାଣିରେ ବଥୁଆକୁ ଭଲ ଭାବେ ଚିପୁଡି ତା'ର ପାଣିକୁ ମିଶାଇ ଦିଅନ୍ତୁ । ଏହାକୁ ସ୍ୱାଦୁକର କରିବା ପାଇଁ ଲେମ୍ବୁ, ଜିରା, ସାମାନ୍ୟ ଗୋଲ ମରିଚ ଏବଂ ସୈନ୍ଧବ ଲବଣ ମିଶାଇ ପାରନ୍ତି । ଏହାକୁ ଦିନରେ ତିନି ଥର ପିଇବା ଦ୍ୱାରା ପରିସ୍ରାରେ ଜ୍ୱଳନ ଏବଂ ଅନ୍ୟାନ୍ୟ ପରିସ୍ରାଜନିତ ସମସ୍ୟା ଦୂର ହୁଏ । ବାୟୁ ବିକାର ଆରୋଗ୍ୟ ହୁଏ । ଖାଦ୍ୟ ହଜମ ହୁଏ । ପେଟ ହାଲକା ରହେ ।

ସିଝା ଶାଗକୁ ଦହି ମିଶାଇ ଖାଆନ୍ତୁ । ପରିସ୍ରା ରହି ରହି ହେଉଥିଲେ ବଥୁଆ ରସ ପିଇଲେ ଭଲ ହୋଇଯାଏ । ଦୈନିକ ଗୋଟିଏ କପ ବଥୁଆ ରସ ପିଇଲେ ପେଟରୁ କୃମି ମରି ଯାଆନ୍ତି । ଗୋଟିଏ ଚାମଚ ବଥୁଆମଞ୍ଜିର ଗୁଣ୍ଡରେ ମହୁ ମିଶାଇ ଚାଟି ଖାଇବା ଦ୍ୱାରା ମଧ କୃମି ମରି ଯାଆନ୍ତି ଏବଂ ରକ୍ତଚାପ ନିୟନ୍ତ୍ରିତ ହୋଇଥାଏ ।

ଧଳା ଦାଗ, କୁଣ୍ଡିଆ ଆଦି ଚର୍ମରୋଗ ହେଉଥିଲେ ପ୍ରତିଦିନ ବଥୁଆ ଶାଗକୁ ସିଝାଇ ତାକୁ ଚିପୁଡି ରସ ପିଅନ୍ତୁ । ସିଝା ଯାଇଥିବା ପାଣିକୁ ନ ଫିଙ୍ଗି ସେଥିରେ ଦ୍ରବାକୁ ଧୋଇ ଦିଅନ୍ତୁ । ଆହୁରି ମଧ ବଥୁଆର କଞ୍ଚାପତ୍ରକୁ ଛେଚି ସେଥିରୁ ରସ ବାହାର କରନ୍ତୁ । ଦୁଇକପ୍ ରସରେ ଅଧକପ ରାଶି ତେଲ ମିଶାଇ ତାକୁ ଧୀରେ ଧୀରେ ନିଆଁ ଜାଳି ଗରମ କରନ୍ତୁ । ରସ ମରି ତେଲ ରହିଗଲେ ତାକୁ ଛାଣି ଏକ ଶିଶିରେ ରଖନ୍ତୁ । ଏହାକୁ ନିୟମିତ ଲଗାଇଲେ ଚର୍ମରୋଗ ଭଲ ହୁଏ ।

## ଅର୍ଶ ରୋଗ ପାଇଁ ମୂଳା

ଯେଉଁମାନେ ଅର୍ଶ ହେଉ ପଛେ ମୂଳା ରସ ୬୦ ମି.ଲିକୁ ଛାଣି ସକାଳେ ସନ୍ଧ୍ୟାରେ ୨ ଥର ଜୁସ୍ ତିଆରି କରି ସଙ୍ଗେ ସଙ୍ଗେ ପିଇବ ଏବଂ ମୂଳାକୁ ଶୁଖାଇ କପଡ଼ାରେ ପୁଟୁଳି କରି ବାନ୍ଧି ଗରମ କରି ମଳଦ୍ୱାରରେ ସେକ ଦିଅନ୍ତୁ । ଏହାଦ୍ୱାରା ପୀଡ଼ା ଶାନ୍ତ ହେବ । ରୋଗ ପୁରୁଣା ହୋଇଥିଲେ ଧୈର୍ଯ୍ୟର ସହ ଏ ପ୍ରୟୋଗ କିଛି ଦିନ



କଲେ ଚିରଦିନ ପାଇଁ ଅର୍ଶ ଭଲ ହୋଇଯାଏ ।

## ଆପଣ ଜାଣନ୍ତି କି ?

- ୨୮ ମେ' ୧୮୮୩ ମସିହାରେ ଭାରତୀୟ ନେତା ବିନାୟକ ଦାମୋଦର ସାବରକର ଜନ୍ମ ହୋଇଥିଲେ ।
- ୩୧ ମେ' ୧୫୭୭ ଦିନ ନୂରଜାହାନ ମୃତ୍ୟୁ ବରଣ କରିଥିଲେ । ନୂରଜାହାନ ହେଉଛନ୍ତି ମୋଗଲ ସମ୍ରାଟ ଜାହାଙ୍ଗୀରଙ୍କର ପତ୍ନୀ ।
- ୧ ଜୁନ୍, ୧୯୯୬ରେ ନିଲମ୍ ସଞ୍ଜୀବ ରେଡ୍ଡୀଙ୍କର ଦେହାନ୍ତ ହୋଇଥିଲା । ସେ ଭାରତର ଷଷ୍ଠତମ ରାଷ୍ଟ୍ରପତି ଥିଲେ ।
- ୩ ଜୁନ୍, ୨୦୧୪ରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଗୋପୀନାଥ ମୁଣ୍ଡେ ନୂଆଦିଲ୍ଲୀ ଠାରେ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ ।
- ୪ ଜୁନ୍ ୧୯୯୬ରେ ମାଳଦ୍ୱୀପ ପ୍ରଥମ ଥର ପାଇଁ ସମ୍ବିଧାନ ଦ୍ୱାରା ଗ୍ରହଣୀୟ ହୋଇଥିଲା ।
- ୫ଜୁନ୍ ୧୯୯୮ମସିହାରେ ମିସାଇଲ 'ତ୍ରିଶୂଳ'ର ପରୀକ୍ଷଣ ସଫଳ ହୋଇଥିଲା ।
- ୬ ଜୁନ୍ ୧୬୭୪ରେ ଏକ ଭବ୍ୟ ସମାରୋହରେ ମରାଠା ସାମ୍ରାଜ୍ୟର ପ୍ରତିଷ୍ଠାତା ଛତ୍ରପତି ଶିବାଜୀ ରାଜ ଭୋଁସଲେଙ୍କର ରାଜାଭିଷେକ ହୋଇଥିଲା ।
- ୭ ଜୁନ୍ ୧୯୭୫ରେ ପ୍ରଥମ ବିଶ୍ୱକପ୍‌ର ପ୍ରଥମ ମ୍ୟାଚ୍ ଭାରତ ଓ ଇଂଲଣ୍ଡ ମଧରେ ଲର୍ଡସ୍ ଷ୍ଟାଡିୟମରେ ଖେଳାଯାଇଥିଲା । ଏହି ମ୍ୟାଚରେ ଭାରତ ହାରିଥିଲା । ସେହିପରି ୯ ଜୁନ୍ ୧୯୩୧ ରେ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ତଥା ଲେଖିକା ନନ୍ଦିନୀ ଶତପଥୀଙ୍କର ଜନ୍ମ । ସେ ଓଡ଼ିଶାର ଲୌହମାନବୀ ରୂପେ ପରିଚିତ ।
- ୯ଜୁନ୍ ୨୦୧୧ରେ ଭାରତୀୟ ଚିତ୍ରକର ଏମ୍.ଏଫ୍ ହୁସେନଙ୍କର ଦେହାନ୍ତ ହୋଇଥିଲା ।

# ଜାମୁକୋଳିର ଚମତ୍କାରିତା

ଜାମୁକୋଳିର ରଙ୍ଗ ଦେଖିବାକୁ ଯେତେ ସୁନ୍ଦର, ତା'ଠାରୁ ଏହାର ସ୍ୱାଦ ମଧ ସେତିକି ସୁସ୍ୱାଦୁ । ଏହା ରକ୍ତର ହିମୋଗ୍ଲୋବିନ୍‌ର ସ୍ତରକୁ ବଢ଼ାଇଥାଏ । ଏହା ମଧ ମଧୁମେହ ରୋଗୀଙ୍କ ପାଇଁ ଲାଭଦାୟକ । ଯାହାକୁ ସେମାନେ ବିନା ଦ୍ୱିଧାରେ ଏହାର ସେବନ କରିପାରିବେ । ଏଥିରେ ପ୍ରଚୁର ପରିମାଣରେ ଭିଟାମିନ୍ ବି, ସି ଓ ଆଇରନ ରହିଥାଏ । ଏହାକୁ ସେବନ କରିବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ିବା ସହିତ ପାଚନକ୍ରିୟାକୁ ମଧ ଲାଭ ମିଳିଥାଏ । ଗୁଣରେ ଭରପୁର ଥିବା ଏହି ଜାମୁକୋଳି ଦାମୀ ହୋଇ ନ ଥିବା ସହିତ ଏହାର ଗଛ ସବୁ ରାସ୍ତା କଡ଼ରେ ସୁବିଧାରେ ମିଳିଥାଏ ।



ଏହାର ରସରେ ଆଣ୍ଟିବ୍ୟାକ୍ଟେରିଆଲ୍ ଓ ବ୍ଲଡ ପିୟୁରିଫାଏ କରିବାର କ୍ଷମତା ରହିଛି । ଏଥିପାଇଁ ଡାଇରିଆରୁ ମୁକ୍ତି ମିଳିଥାଏ । ଏଥିରେ ପ୍ରୋଟିନ୍ ଓ କ୍ୟାଲସିୟମର ମାତ୍ରା ଭରପୁର ରହିଥାଏ । ଯାହାକି ଆମ ସ୍ୱାସ୍ଥ୍ୟ ପାଇଁ ହିତକର ହୋଇଥାଏ ।

ଏହା ମଧୁମେହ ଚିକିତ୍ସା ପାଇଁ ବେଶୀ ଲାଭଦାୟକ ହୋଇଥାଏ । ଏଥିରେ ଆଇରନ୍, ଫେରିକ୍ ଏସିଡ୍, ପୋଟାସିୟମ୍ ମ୍ୟାଗ୍ନେସିୟମ୍, ଫସଫରସ୍ ଓ ସୋଡିୟମ୍ ପ୍ରଭୃତି ରହିଥାଏ । ଯାହାକି ସୁଗାର ଲେବଲକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ । ଏହି କୋଳିର ମଞ୍ଜିକୁ ଶୁଖାଇ ତାକୁ ଗୁଣ୍ଡ କରି ଖାଇଲେ ଅନେକ ରୋଗରୁ ମୁକ୍ତି ମିଳିଥାଏ ।

ଏହା କୋଷ୍ଠକାଠିନ୍ୟ ଓ ପେଟର ରୋଗ ପାଇଁ ବେଶୀ ଲାଭଦାୟକ ହୋଇଥାଏ । ଜାମୁକୋଳି ଶରୀରର ପାଚନକ୍ରିୟାକୁ ମଜଭୁତ କରିଥାଏ ।

ଯଦି ଆପଣଙ୍କୁ ଏସିଡିଟିର ସମସ୍ୟା ରହିଛି, ତେବେ ବିଟ୍ ଲୁଣ ଓ ଭଜା ଜିରା ସହିତ ଜାମୁକୋଳିକୁ ସେବନ କଲେ ଏହି ସମସ୍ୟାରୁ ମୁକ୍ତି ମିଳିଥାଏ ।

# ଦେହକୁ ଉତ୍ତମ ପାନ

ଗୋଟିଏ ପାନପତ୍ରକୁ ଛେଚି ସେହି ରସରେ ଅଧଚାମଚ ମହୁ ମିଶାଇ ଚାଟି ଖାଇଲେ ଛାତିରେ ଜମା ହୋଇଥିବା କଫରୁ ଉପଶମ ମିଳିଥାଏ ।

ସଂଗୀତକାରମାନଙ୍କ କ୍ଷେତ୍ରରେ ପାନରସ ବହୁ ଉପକାରୀ । ଗୋଟିଏ ପାନପତ୍ର ରସରେ ୫ ବୁନ୍ଦା ମହୁ ଓ ୫ ବୁନ୍ଦା ଅଦାରସ ମିଶାଇ ସେବନ କଲେ ସ୍ୱରଭଙ୍ଗ, ଥଣ୍ଡା, କାଶ, କଫ ଦୂର ହୋଇଥାଏ ।

ଶିଶୁ ବା ବୃଦ୍ଧ ରୋଗୀମାନଙ୍କର ଝାଡ଼ା ହେଉ ନଥିଲେ, ପାନପତ୍ରର ଡେମ୍ଫକୁ ମଳଦ୍ୱାରରେ ପୂରାଇ ଅଳ୍ପ କିଛି ସମୟ ରଖିଲେ ଝାଡ଼ା ତତ୍‌କ୍ଷଣାତ୍ ହୋଇଥାଏ । ପାନପତ୍ର ମକଚି କଳରେ ଜାକିଲେ ପାୟରିଆ ଓ ଦାନ୍ତର ଯାବତୀୟ ରୋଗ ଦୂର ହୋଇଥାଏ । ପାନପତ୍ର ଆନ୍ତ୍ରିକ ରୋଗ ଓ କୃମିନାଶ ପାଇଁ ବହୁ ସାହାଯ୍ୟ କରିଥାଏ । କାନ ବିନ୍ଧୁଥିଲେ ଗୋଟିଏ ପାନପତ୍ର ରସକୁ ସାମାନ୍ୟ ଉଷୁମକରି କାନରେ ପକାଇଲେ କାନ ବିନ୍ଧା ଭଲ ହୋଇଥାଏ ।

ଦୃଷ୍ଟିଶକ୍ତି କମି ଆସୁଥିବା ଲୋକ ଏହାର ପତ୍ର ବ୍ୟବହାର କଲେ ଦୃଷ୍ଟିଶକ୍ତି ବୃଦ୍ଧି ହୋଇଥାଏ ।



# କହିପାରିବେ କି ?

(୧) ମହାତ୍ମା ଗାନ୍ଧୀଙ୍କୁ କିଏ ହତ୍ୟା କରିଥିଲେ ?
(୨) ଭାରତର ସର୍ବୋଚ୍ଚ ନାଗରିକ ସମ୍ମାନର ନାମ କ'ଣ ?
(୩) ଜାଲିୟାନା ୱାଲା ବାଗ୍ ହତ୍ୟାକାଣ୍ଡ କେବେ ହୋଇଥିଲା ?
(୪) ମହାତ୍ମା ଗାନ୍ଧୀଙ୍କ ଅନ୍ତିମ ଶବ୍ଦ କ'ଣ ଥିଲା ?
(୫) ମହାଭାରତ ଯୁଦ୍ଧ କେତେ ଦିନ ପର୍ଯ୍ୟନ୍ତ ଚାଲିଥିଲା ?
(୬) ଲୋକସଭାର ସଦସ୍ୟଙ୍କ ସଂଖ୍ୟା କେତେ ?
(୭) କୋଣାର୍କର ସୂର୍ଯ୍ୟ ମନ୍ଦିର କେଉଁ ରାଜ୍ୟରେ ଅବସ୍ଥିତ ?
(୮) ଭାରତର ପ୍ରଥମ ଫିଲ୍ମର ନାମ କ'ଣ ଥିଲା ?
(୯) ଭଗତ୍ ସିଂଙ୍କୁ କେବେ ଫାଶୀ ଦିଆଯାଇଥିଲା ?
(୧୦) କ୍ଷେତ୍ରଫଳରେ ଭାରତର ସବୁଠୁ ବଡ଼ ରାଜ୍ୟ କିଏ ?

## JUMBLE WORDS

| | | | |
|---|---|---|---|
| 1) GUFARL | = | 6) WNYYAA | = |
| 2) CCROSH | = | 7) HATSS | = |
| 3) RETEX | = | 8) JOEYN | = |
| 4) MISPK | = | 9) GHNETL | = |
| 5) THORTE | = | 10) CURHOC | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧. ଶୀତଦିନ, ୨. ୨ ନିୟୁତ, ୩.୧୯୭୪, ୪. ୧୯୪୫, ୫. ଆଇଏନଏସ ଶାଲ୍‌କି, ୬.ମଦର ଟେରେସା, ୭. ଥୋମାସ୍ ଏଡିସନ୍, ୮.ବେସ୍‌ବଲ୍, ୯.ହିମାଚଳ ପ୍ରଦେଶ ଏବଂ ଉତ୍ତରାଖଣ୍ଡ, ୧୦. କଳ୍ପନା ଚାୱଲା ।

***Jumble Words*** **ର ଉତ୍ତର :-**

(1) HEFTY (2) SHINY (3) FINITE (4) LEAGUE (5) THINK
(6) GUAVA (7) INSIST (8) PANTRY (9) DOUGH (10) LUNGE

# ଜୟନାରାୟଣଙ୍କୁ ସମର୍ଥନ, ପଶ୍ଚିମ ଓଡ଼ିଶାରେ ବଢୁଛି ତାତି

ସମ୍ବଲପୁର: ‘ବନ୍ଦେ ଉତ୍କଳ ଜନନୀ’କୁ ବିରୋଧ ପ୍ରସଂଗରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ପ୍ରତି ପଶ୍ଚିମ ଓଡ଼ିଶାରେ ସମର୍ଥନ ବଢ଼ିବାରେ ଲାଗିଛି । କୋଶଳ ସେନା ପକ୍ଷରୁ ଡୁଙ୍ଗୁରିପାଲିରେ ‘ବନ୍ଦେ ଉତ୍କଳ ଜନନୀ’କୁ ବିରୋଧ କରି କୁଶପୁତଳିକା ଦାହ କରାଯାଇଥିବା ବେଳେ ବରଗଡ଼ ଗାନ୍ଧୀ ଛକରେ ପୁଣି କୋଶଳ ସଂଗ୍ରାମୀମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଜୟନାରାୟଣଙ୍କ ସମର୍ଥନରେ ସ୍ଲୋଗାନ ଦେଇଥିଲେ । ପଶ୍ଚିମାଞ୍ଚଳ ଏକତା ମଞ୍ଚ ଜୟନାରାୟଣଙ୍କ ସମର୍ଥନରେ ବାହାରିବା ସହିତ ତାଙ୍କୁ ବିରୋଧ କରୁଥିବା ବିଜେଡି ଓ କଂଗ୍ରେସ ନେତାଙ୍କ ଉପରେ ବର୍ଷିଛନ୍ତି । ପୁଣି ସମ୍ବଲପୁର ଗୋଲବଜାର ଛକରେ ବିଜେଡି ନେତା ପୂର୍ବତନ ମନ୍ତ୍ରୀ ଅରୁଣ ସାହୁ, ନିରଂଜନ ପୂଜାରୀଙ୍କ ଫଟୋଚିତ୍ର ଏବଂ 'ବନ୍ଦେ ଉତ୍କଳ ଜନନୀ' ବ୍ୟାନର ପୋଡ଼ାଯାଇଛି । ବହୁ ସଂଖ୍ୟାରେ ଲୋକ ଏକାଠି ହୋଇ ଜୟନାରାୟଣଙ୍କ ସମର୍ଥନରେ ସ୍ଲୋଗାନ ଦେବା ସହିତ ପଶ୍ଚିମ ଓଡ଼ିଶା ପ୍ରତି ଅବହେଳାକୁ ଆଉ ବରଦାସ୍ତ କରାଯିବ ନାହିଁ ବୋଲି ସତର୍କ କରାଇ ଦେଇଛନ୍ତି ।

ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମଞ୍ଚର ମୁଖ୍ୟ ଉପଦେଷ୍ଟା ତଥା ବରିଷ୍ଠ ଆଇନଜୀବୀ ଡକ୍ଟର ପ୍ରମୋଦ ରଥ କହିଛନ୍ତି ଯେ, ଜୟନାରାୟଣ ମିଶ୍ର ଯାହା କହିଛନ୍ତି, ତାହା ପଶ୍ଚିମାଞ୍ଚଳର ସାଧାରଣ ଜନତାଙ୍କ ପ୍ରତିକ୍ରିୟା । ସେ ଆରମ୍ଭରୁ ‘ବନ୍ଦେ ଉତ୍କଳ ଜନନୀ’କୁ ବିରୋଧ କରି ଆସୁଛନ୍ତି । ସେ ରାଜ୍ୟର ସାମଗ୍ରିକ ଓ ସମତୁଲ ବିକାଶର କଥା କହିଛନ୍ତି । ଉତ୍କଳ ଓଡ଼ିଶାର ଏକ ଅଞ୍ଚଳ ମାତ୍ର । ଓଡ଼ିଶା କହିଲେ, କେବଳ କଟକ ଆଉ ଭୁବନେଶ୍ୱର ନୁହେଁ ବନ୍ଦେ ଉତ୍କଳ ଜନନୀରେ ସମଗ୍ର ରାଜ୍ୟର ଭୌଗୋଳିକ, ସାଂସ୍କୃତିକ, ଐତିହ୍ୟର ଚିତ୍ର ନାହିଁ କି ସବୁ ବରପୁତ୍ର ଓ ବୀରପୁତ୍ରଙ୍କ ଗୁଣଗାନ ନାହିଁ । ଜୟନାରାୟଣଙ୍କ ମନ୍ତବ୍ୟକୁ କିଛି ନେତା ନିଜେ ରାଜନୀତିରେ ତିଷ୍ଠି ରହିବା ପାଇଁ ଭୁଲ ତଥ୍ୟ ରଖି ଓଡ଼ିଶାବାସୀଙ୍କୁ ଭ୍ରମିତ କରୁଛନ୍ତି । ଯଦି, ଓଡ଼ିଶାକୁ ଏକାଠି ରଖିବାକୁ ଚାହୁଛନ୍ତି, ତେବେ ସେଭଳି ମନ୍ତବ୍ୟରୁ ଦୂରେଇ ରହିବା ଏବଂ ଓଡ଼ିଶାର ବିଭାଜନର କାରଣ ନହେବା ପାଇଁ ଅରୁଣ ସାହୁ ଓ ଅନ୍ୟ ନେତାମାନଙ୍କୁ ଡକ୍ଟର ରଥ ପରାମର୍ଶ ଦେଇଛନ୍ତି । ‘ମୁଁ ବି ନିଷ୍ପତି ନେଇଛି, ‘ବନ୍ଦେ ଉତ୍କଳ ଜନନୀ’ ଗାନ ସମୟରେ କେବେ ଛିଡ଼ା ହେବି ନାହିଁ ବୋଲି ଡକ୍ଟର ରଥ ସ୍ପଷ୍ଟ କରିଛନ୍ତି । ୨୪ ବର୍ଷ ଧରି ରାଜ୍ୟରେ ଶାସନ କରୁଥିବା ବିଜେଡି ସରକାରର କିଛି ନାହିଁ । ଏକତା ମଂଚର ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି କହିଛନ୍ତି ଯେ, ୨୦୨୦ ମସିହାରେ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ଯେତେବେଳେ ବନ୍ଦେ ଉତ୍କଳ ଜନନୀକୁ ରାଜ୍ୟ ସଙ୍ଗୀତ ମାନ୍ୟତା ଦିଆଯାଇଥିଲା, ସେତେବେଳେ ଜୟନାରାୟଣ ମିଶ୍ର ଓ ସେ ସମୟର ରାଜ୍ୟ ସରକାରଙ୍କ କ୍ୟାବିନେଟ୍ ମନ୍ତ୍ରୀ ସୁଶାନ୍ତ ସିଂ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରିଥିଲେ । ସେତେବେଳେ ଏକତା ମଂଚ ପକ୍ଷରୁ ଜୟନାରାୟଣ ଓ ସୁଶାନ୍ତଙ୍କୁ ଧନ୍ୟବାଦ ଦିଆଯାଇଥିଲା । ‘ସମ୍ବଲପୁରର ମାଟି ପାନି ଝରସି ହୀରାନୀଲା’ ଗୀତକୁ ସମ୍ବଲପୁରୀପ୍ରେମୀ ବହୁତ ସମ୍ମାନର ସହ ଗାନ କରନ୍ତି । ତେବେ, ଏହି ଗୀତକୁ ରାଜ୍ୟ ସଙ୍ଗୀତ କରାଯିବ କି ? କିମ୍ବା ଉପକୂଳ ଓଡ଼ିଶାବାସୀ କ’ଣ ତାକୁ ସ୍ୱୀକାର କରି ଛିଡ଼ା ହୋଇ ସମ୍ମାନ ଜଣାଇବେ କି ’ ବୋଲି ବକ୍ସି ପ୍ରଶ୍ନ କରିଛନ୍ତି ।

ଇତି ମଧରେ ବୁଦ୍ଧିଜୀବୀ ମହଲରେ ବି ଜୟନାରାୟଣଙ୍କ ସମର୍ଥନରେ ପ୍ରତିକ୍ରିୟା ଆସିଛି । ସମ୍ବଲପୁରର ଐତିହାସିକ ଦୀପକ କୁମାର ପଣ୍ଡା କହିଛନ୍ତି ଯେ ସମ୍ବିଧାନରେ ରାଜ୍ୟ ସଙ୍ଗୀତର ସ୍ଥାନ ନାହିଁ । ରାଜ୍ୟ ସଙ୍ଗୀତକୁ ସାମ୍ବିଧାନିକ ମର୍ଯ୍ୟାଦା ଦେବାକୁ ମନା କରାଯାଇଛି । ତଥାପି ବିନା ସାମ୍ବିଧାନିକ ମର୍ଯ୍ୟାଦା ଓ ସ୍ୱୀକୃତିରେ କେତୋଟି ରାଜ୍ୟ ସଙ୍ଗୀତ ରହିଛି । ଓଡ଼ିଶାରେ ଗୃହୀତ ରାଜ୍ୟ ସଙ୍ଗୀତ ସୃଜନାତ୍ମକ ଦୃଷ୍ଟିରୁ ଉଚ୍ଚକୋଟିର ଅଟେ । ମାତ୍ର ଏହା ରାଜ୍ୟ ସଙ୍ଗୀତ ହେବାର ଯୋଗ୍ୟତା ରଖୁନାହିଁ । ଉତ୍କଳ କେବଳ ପୁରୀ, କଟକ, ବାଲେଶ୍ୱର ଓ ମେଦିନୀପୁରର କିଛି ଅଞ୍ଚଳକୁ ନେଇ ଗଠିତ ହୋଇଥିଲା । ମଗଧ ଅଥବା ମୋଗଲ କିମ୍ବା ମରାଠା ସାମ୍ରାଜ୍ୟ ଭାରତବର୍ଷକୁ ଯେମିତି ପ୍ରତିନିଧିତ୍ୱ କରିପାରିବ ନାହିଁ, ଉତ୍କଳ ମଧ କେବେ ଓଡ଼ିଶାର ପ୍ରତିନିଧିତ୍ୱ କରିପାରିବ ନାହିଁ । ଓଡ଼ିଶା ଶୀର୍ଷକରେ ସବୁ ଐତିହାସିକ, ସାଂସ୍କୃତିକ ଅଞ୍ଚଳର ପ୍ରତିନିଧିତ୍ୱ କଳାଭଳି ସଙ୍ଗୀତ ସୃଷ୍ଟି କରିବାପାଇଁ ଯୋଗ୍ୟ ବ୍ୟକ୍ତିଙ୍କ ଅଭାବ ନାହିଁ । ଏକ ବିଶାଳ ଭୂଖଣ୍ଡର ଐତିହ୍ୟ, ଭାଷା, ସଂସ୍କୃତି, ପରିଚୟ ଉପରେ ସାମ୍ରାଜ୍ୟବାଦୀ ମନୋଭାବଜନିତ କୁଠାରାଘାତ ଗ୍ରହଣୀୟ ନୁହେଁ । ଅନ୍ୟର ଭାବନା ପ୍ରତି ସମ୍ବେଦନଶୀଳ ମନୋଭାବ ରଖୁ ନ ଥିବା ଓ ନିଜର ପରିଧିକୁ ଦୁନିଆଁ ମଣୁଥିବା ଲୋକେ ଅବାନ୍ତର ତର୍କ କରିପାରନ୍ତି, କିନ୍ତୁ କାହାରିକୁ ବାଧ କରିପାରିବେ ନାହିଁ । ଶ୍ରୀ ପଣ୍ଡା ଆହୁରି କହିଛନ୍ତି ଯେ ରାଜ୍ୟ ସଙ୍ଗୀତ ପରିବର୍ତ୍ତନର ଦୃଷ୍ଟାନ୍ତ ଅଛି । ଓଡ଼ିଶାରେ ମଧ କାହିଁକି ହୋଇପାରିବ ନାହିଁ ? କର୍ଣ୍ଣାଟକ ତା’ର ରାଜ୍ୟ ସଙ୍ଗୀତ ପରିବର୍ତ୍ତନ କରିଛି । ମେଘାଳୟର ରାଜ୍ୟ ସଙ୍ଗୀତ ସମସ୍ତଙ୍କର ପ୍ରତିନିଧିତ୍ୱ କରୁନଥିବା ଅଭିଯୋଗରେ ବିବାଦ ସୃଷ୍ଟି ହୋଇଛି । ତାମିଲନାଡୁ ବିଧାନସଭାରେ ଶେଷରେ ଜାତୀୟ ସଙ୍ଗୀତ ଗାନ ଓ ପ୍ରାରମ୍ଭରେ ରାଜ୍ୟ ସଙ୍ଗୀତ ଗାନ ଦ୍ୱାରା ଜାତୀୟ ସଙ୍ଗୀତର ଅପମାନ ହେଉଥିବା ମନେ କରି ରାଜ୍ୟପାଳ ଆର ଏନ୍. ରବି ସଂକ୍ଷିପ୍ତ ଅଭିଭାଷଣ ଦେବା ପରେ ବିଧାନସଭାରୁ କକ୍ଷତ୍ୟାଗ କରିଥିଲେ । ୨୦୦୬ ମସିହାରେ ଓଡ଼ିଶା ସରକାର ଯେତେବେଳେ ‘ବନ୍ଦେ ଉତ୍କଳ ଜନନୀ’କୁ ରାଜ୍ୟ ସଂଗୀତ ଭାବେ ମଞ୍ଜୁରୀ ସକାଶେ ପଠାଇଥିଲେ, ସେତେବେଳେ କେନ୍ଦ୍ର ସରକାରଙ୍କ ଗୃହ ବିଭାଗ ମଞ୍ଜୁରି ଦେବାକୁ ରୋକ୍‌ଠୋକ ଭାବରେ ମନା କରିଥିଲା ବୋଲି ଶ୍ରୀ ପଣ୍ଡା କହିଛନ୍ତି । ସେହିପରି ଯୁବନେତା ଭୋଳାଶଙ୍କର ମହନ୍ତମ ସବୁବେଳେ ଗୁହାରି କରିବା ପରିବର୍ତ୍ତେ ସ୍ୱତନ୍ତ୍ର ରାଜ୍ୟ ଗଠନ ପାଇଁ ଆନ୍ଦୋଳନ ଜୋରଦାର କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି ।

ଅପର ପକ୍ଷରେ ବିଜେପି ବିଧାୟକ ଜୟନାରାୟଣ ମିଶ୍ର ଦେଇଥିବା ତାଙ୍କ ବକ୍ତବ୍ୟକୁ ଯଥାର୍ଥ ବୋଲି କହିଛନ୍ତି । ୩ଟି ସ୍ୱତନ୍ତ୍ର ଅଞ୍ଚଳ ଉତ୍କଳ, କଳିଙ୍ଗ ଏବଂ କୋଶଳକୁ ମିଶ୍ରଣ କରି ବର୍ତ୍ତମାନର ଓଡ଼ିଶା ରାଜ୍ୟ ଗଠିତ ହୋଇଥିଲା । କେବଳ ‘ବନ୍ଦେ ଉତ୍କଳ ଜନନୀ’ କାହିଁକି କୁହାଯିବ ? ଏଥିରେ କୋଶଳ ଓ କଳିଙ୍ଗ ଶବ୍ଦ ରହିବନି କାହିଁକି ? କେବଳ ଗୋଟିଏ ଅଞ୍ଚଳକୁ ଉପେକ୍ଷା କରି ଏହା ପାଳନ କରିବା କ’ଣ ନ୍ୟାୟସଙ୍ଗତ କି ବୋଲି ସେ ପ୍ରଶ୍ନ କରିଛନ୍ତି । କୌଣସି ରାଜ୍ୟର ସ୍ୱତନ୍ତ୍ର ସରକାରୀ ଗୀତ କିମ୍ବା ପତାକା ରହିପାରିବ ନାହିଁ । କାରଣ ଦେଶ ଗୋଟିଏ । ଜାତୀୟ ସଙ୍ଗୀତ ଏବଂ ଜାତୀୟ ପତାକାକୁ ଅନୁସରଣ କରିବା ନେଇ ଦେଶର ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ଉତ୍କଳ କଳିଙ୍ଗ ଏବଂ କୋଶଳ ୩ଟି ଅଞ୍ଚଳକୁ ମିଶାଇ ଓଡ଼ିଶା ଗଠନ କରାଯାଇଥିଲା । ଯଦି ଆମେ କେବଳ ‘ବନ୍ଦେ ଉତ୍କଳ ଜନନୀ’ କହିବା, ଏହା କେବଳ ଉତ୍କଳର ପ୍ରଶଂସା କରୁଛି । ଅନ୍ୟ ଦୁଇଟି ଅଞ୍ଚଳର କ’ଣ ହେବ ବୋଲି ସେ ପାଲଟା ପ୍ରଶ୍ନ କରିଛନ୍ତି । ସେମାନଙ୍କର ପରିଚୟକୁ ଉପେକ୍ଷା କରାଯିବା ଉଚିତ କି ? ବୋଲି ସେ କହିଛନ୍ତି । ରାଜ୍ୟର ସମସ୍ତ ୩୦ ଜିଲାକୁ ସମ୍ମାନ ଜଣାଇ ଏକ ଗୀତ ପ୍ରସ୍ତୁତ ହେବା ଆବଶ୍ୟକ ବୋଲି ସେ ଗଣମାଧମକୁ କହିଛନ୍ତି । ଯଦି ଗୀତର ନାମ ‘ବନ୍ଦେ ଓଡ଼ିଶା ଜନନୀ ରଖାଯାଏ, ତେବେ ତାଙ୍କର କୌଣସି ଆପତ୍ତି ନାହିଁ । କାରଣ ଏଥିରେ ରାଜ୍ୟର ସମସ୍ତ ଅଞ୍ଚଳ ସାମିଲ ହେବ । ଓଡ଼ିଶାର ପ୍ରଗତି କେବଳ ଗୋଟିଏ ଅଞ୍ଚଳର ବିକାଶ ଉପରେ ନୁହେଁ, ସମସ୍ତ ଅଞ୍ଚଳର ବିକାଶ ଉପରେ ନିର୍ଭର କରେ ବୋଲି ସେ କହିଛନ୍ତି । ରାଜ୍ୟର ସମସ୍ତ ଅଞ୍ଚଳରେ କ୍ଷମତାର ବିକେନ୍ଦ୍ରୀକରଣ ଏବଂ ସମାନ ବିକାଶର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । କେବଳ ଗୋଟିଏ ଅଞ୍ଚଳକୁ ସମର୍ଥନ କରିବା ପରିବର୍ତ୍ତେ ପ୍ରତ୍ୟେକ ଅଞ୍ଚଳର ଭାଷା, ସଂସ୍କୃତି ଏବଂ ପରିଚୟକୁ ସମ୍ମାନ ଦେବା ଉଚିତ୍ ବୋଲି ସେ ମତ ଦେଇଛନ୍ତି । ପ୍ରତ୍ୟେକ ଅଞ୍ଚଳକୁ ସମାନ ଗୁରୁତ୍ୱ ନ ମିଳିବା ପର୍ଯ୍ୟନ୍ତ ଓଡ଼ିଶାର ବିକାଶ ହୋଇପାରିବ ନାହିଁ । ରାଜ୍ୟର ପ୍ରତ୍ୟେକ କୋଣରେ ଶାସନ ପହଞ୍ଚିବା ନିଶ୍ଚିତ କରିବା ପାଇଁ ବିକେନ୍ଦ୍ରୀକରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପ୍ରତ୍ୟେକ ଅଞ୍ଚଳର ଭାଷା ଏବଂ ସଂସ୍କୃତିକୁ ସମ୍ମାନ ଦିଆଯିବା ଆବଶ୍ୟକ ବୋଲି ସେ କହିଛନ୍ତି । ଏଭଳି ବିବୃତ୍ତି ରଖି ଜୟନାରାୟଣ ୨୪ ବର୍ଷ ଧରି ଶାସନ କରିଥିବା ବିଜେଡିଙ୍କୁ କଡ଼ା ସମାଲୋଚନା କରିଛନ୍ତି । ବିଜେଡି ସରକାର ଉପକୂଳ ଏବଂ ପଶ୍ଚିମ ଓଡ଼ିଶାର ବିକାଶ କରିବାରେ ବିଫଳ ହୋଇଥିବା ସେ ଅଭିଯୋଗ କରିଛନ୍ତି । ଯେତେବେଳେ ଜଣେ ମୁଖ୍ୟମନ୍ତ୍ରୀ ଓଡ଼ିଆରେ କଥା ହେଉ ନ ଥିଲେ, ଜଣେ ଅଣଓଡ଼ିଆ କ୍ଷମତାଧାରୀଙ୍କ ନିର୍ଦ୍ଦେଶରେ ବିଜେଡି ସରକାର କାର୍ଯ୍ୟ କରୁଥିଲା ସେତେବେଳେ ଓଡ଼ିଆ ଅସ୍ମିତାର କୌଣସି କ୍ଷତି ହୋଇ ନଥିଲା । ଯେତେବେଳେ ମୁଁ ମୋ ଅଞ୍ଚଳର ବିକାଶ ପାଇଁ ଦାବି କରୁଛି, ଏହାକୁ କିପରି ଓଡ଼ିଆ ଅସ୍ମିତା ଉପରେ ଆକ୍ରମଣ ଭାବରେ ଦେଖାଯାଇପାରିବ ବୋଲି ବିଜେଡି ଓଡ଼ିଆ ଅସ୍ମିତା ପ୍ରସଙ୍ଗ ଉଠାଇ ଚଳାଇଥିବା ବିରୋଧ ଓ ପ୍ରତିବାଦକୁ ନେଇ ସେ ପ୍ରଶ୍ନ କରିଛନ୍ତି ।

## ଗୌରମଠରେ କଥାଭକ୍ତ ମାଳ

ସମ୍ବଲପୁର : ଝାଡୁଆପଡ଼ା ସ୍ଥିତ ଗୌରମଠ ଠାରେ କଥାଭକ୍ତ ମାଳ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବୃନ୍ଦାବନର ଶ୍ରୀ ଦାମକିଙ୍କର ଜୀ ମହାରାଜ ଯୋଗ ଦେଇ ବିଶିଷ୍ଟ ଭକ୍ତମାନଙ୍କ ଉପରେ ପ୍ରବଚନ ଦେଇଥିଲେ । ଶ୍ରୀ ଗୌରାଙ୍ଗ ଜୟନ୍ତୀ ଅବସରରେ ମଠରେ ଶ୍ରୀ ଅଷ୍ଟପ୍ରହରୀ ନାମଯଜ୍ଞ ମଧ ଅନୁଷ୍ଠିତ ହୋଇଥିଲା । ଏଥିରେ ବହୁ ଭକ୍ତ ଯୋଗ ଦେଇଥିଲେ ।

## ଝାରପଲମରେ ଅଷ୍ଟପ୍ରହରୀ ନାମଯଜ୍ଞ ଓ ସଂପର୍ଦ୍ଧା ପ୍ରତିଯୋଗିତା

ସୁନ୍ଦରଗଡ଼ : ହିମଗିର ବ୍ଲକର ଝାରପଲମ ଗ୍ରାମରେ ଶ୍ରୀ ଶ୍ରୀ ଅଷ୍ଟପ୍ରହରୀ ନାମଯଜ୍ଞ ଏବଂ ଦୋଳପୂର୍ଣ୍ଣିମା ପାଳିତ ହୋଇଯାଇଛି । ଏହି ଅବସରରେ ଗାହାକ-ବାହାକ, ଅପେରା, ସଂପର୍ଦ୍ଧା ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସଂପର୍ଦ୍ଧା ପ୍ରତିଯୋଗିତାରେ ଝାରସୁଗୁଡ଼ା ଜିଲ୍ଲାର ବଡ଼ଧରାର ରାଧାକୃଷ୍ଣ ସଂପର୍ଦ୍ଧା ମଣ୍ଡଳୀ ପ୍ରଥମ, ଟାଙ୍ଗରଘାଟ ଦଳ ଦ୍ୱିତୀୟ ଏବଂ ଝାରପଲମ ଦଳ ତୃତୀୟ ହୋଇଥିଲେ ।

## ବରଗଡ଼ - ନୂଆପଡ଼ା ରୋଡ୍ ରେଳ ଲାଇନ୍ ପାଇଁ ଜମି ଅଧିଗ୍ରହଣ

ଭୁବନେଶ୍ୱର: ବରଗଡ଼ ରୋଡ୍—ନୂଆପଡ଼ା ରୋଡ୍ ନୂତନ ରେଳପଥ ଭାୟା ପଦମପୁର ପ୍ରସ୍ତାବିତ ରେଳପଥର ନିର୍ମାଣ କାର୍ଯ୍ୟ ପାଇଁ ଜମି ଅଧିଗ୍ରହଣ ଚାଲିଛି ବୋଲି ରେଳବାଇ ସୂତ୍ରରୁ ଜଣାପଡିଛି । ରେଳବାଇ ପକ୍ଷରୁ କୁହାଯାଇଛି ଯେ, ଏକ ସ୍ୱତନ୍ତ୍ର ରେଳ ପ୍ରକଳ୍ପ ଭାବେ ଘୋଷିତ ୧୩୮.୩୨ କିଲୋମିଟର ଦୀର୍ଘ ନୂତନ ରେଳଲାଇନ ୨,୬୨୧.୯୨ କୋଟି ନିବେଶରେ ନିର୍ମାଣ କରାଯାଉଛି । ପ୍ରକଳ୍ପ ପାଇଁ ୯୨୪.୬୪ ହେକ୍ଟର ଜମି ଆବଶ୍ୟକ । ଯେଉଁଥିରେ ୭୫୨.୫୨୪ ହେକ୍ଟର ଘରୋଇ ଜମି, ୧୨୩.୨୩୩ ହେକ୍ଟର ସରକାରୀ ଜମି ଏବଂ ୪୮.୯୧୩ ହେକ୍ଟର ଜଙ୍ଗଲ ଜମି ଅନ୍ତର୍ଭୁକ୍ତ । ଜମି ଅଧିଗ୍ରହଣ ପାଇଁ ଆନୁମାନିକ ମୂଲ୍ୟ ପ୍ରାୟ ୩୬୪ କୋଟି ରହିଛି । ବରଗଡ଼ ତହସିଲ ଅନ୍ତର୍ଗତ ବରଗଡ଼ ଏବଂ ସରସରା ମଧରେ ପ୍ରଥମ ବ୍ଲକ ସେକ୍ସନର ଜମି ଅଧିଗ୍ରହଣ ପାଇଁ ବିଜ୍ଞପ୍ତି ପ୍ରକାଶିତ ହୋଇସାରିଛି । ଏହିବିଜ୍ଞପ୍ତି ବରଗଡ଼ ଜିଲ୍ଲାର ୫ଟିଗ୍ରାମକୁ ଅନ୍ତର୍ଭୁକ୍ତ କରୁଛି । ଏହି ୫ଟି ଗ୍ରାମର ଜମି. ସୂଚୀ ଜିଲ୍ଲା କର୍ତ୍ତୃପକ୍ଷ ଯାଞ୍ଚ କରିଛନ୍ତି । ରେଳ ସଂଶୋଧନ ଆଇନର ବ୍ୟବସ୍ଥା ଅନୁଯାୟୀ ଜମି ଅଧିଗ୍ରହଣ ପ୍ରକ୍ରିୟା କରାଯାଇଛି ଏବଂ ପ୍ରଥମ ବ୍ଲକ ସେକ୍ସନ ପାଇଁ ୨୦-ଏ ବିଜ୍ଞପ୍ତି ମଧ ହୋଇସାରିଛି । ଏହି ପ୍ରକଳ୍ପର ସଫଳ କାର୍ଯ୍ୟାନ୍ୱୟନ ପାଇଁ ଓଡ଼ିଶା ସରକାର ମାଗଣାରେ ଜମି ଯୋଗାଇ ଦେବା ସହ ୩୦୦ କୋଟିର ଅନୁଦାନ ମଞ୍ଜୁର କରିଛନ୍ତି । ନୂତନ ରେଳ ଲାଇନ ସମ୍ବଲପୁର-ଝାରସୁଗୁଡ଼ା- ରାୟପୁର ରେଳ ମାର୍ଗ ତୁଳନାରେ ୫୩ କିଲୋମିଟର ଏବଂ ସମ୍ବଲପୁର- ଟିଟିଲାଗଡ଼-ରାୟପୁର ରେଳ ମାର୍ଗ ତୁଳନାରେ ୮୭ କିଲୋମିଟର ଯାତ୍ରା ଦୂରତା ହ୍ରାସ କରିବ । ଏହି ପ୍ରସ୍ତାବିତ ରେଳ ଲାଇନ କୋଇଲା, ଲୁହାପଥର, ଇସ୍ପାତ, ସିମେଣ୍ଟ, କୃଷିଭିତ୍ତିକ ଶିଳ୍ପ ଏବଂ ଅନ୍ୟାନ୍ୟ ଶିଳ୍ପ ସାମଗ୍ରୀର ଦ୍ରୁତ ପରିବହନକୁ ସହଜ କରିବ, ଯାହା ବରଗଡ଼, ଝାରସୁଗୁଡ଼ା, ରାୟପୁର ଏବଂ ଟିଟିଲାଗଡ଼ର ଶିଳ୍ପ ବିକାଶ କରିବ । ଏଥିସହ ମାତ୍ରାଧିକ ଯାତ୍ରା ଭିଡ଼ ଥିବା ଝାରସୁଗୁଡ଼ା-ବିଳାସପୁର- ରାୟପୁର ରେଳ ମାର୍ଗକୁ ଏଡ଼ାଇ ପଶ୍ଚିମ ଓଡ଼ିଶା ଏବଂ ଛତିଶଗଡ଼ ମଧରେ ସିଧାସଳଖ ସଂଯୋଗ କରିବ । ଦୁର୍ଗମ ଏବଂ ଅନୁନ୍ନତ ଅଞ୍ଚଳଗୁଡ଼ିକୁ ସେବା ଯୋଗାଇବ, ଯାହା ଶିକ୍ଷା, ସ୍ୱାସ୍ଥ୍ୟସେବା, ନିଯୁକ୍ତି ଏବଂ ପର୍ଯ୍ୟଟନ ସୁଯୋଗକୁ ବୃଦ୍ଧି କରିବ ବୋଲି ଆଶା କରାଯାଉଛି । ଏହି ପ୍ରକଳ୍ପରେ ୧୩ଟି ରେଳଷ୍ଟେଶନ ରହିବ, ଯେଉଁଥିରେ ୧୧ଟି ନୂତନ ଷ୍ଟେଶନ ଏବଂ ୨ଟି ପୂର୍ବରୁ ଥିବା ଷ୍ଟେଶନ ଅନ୍ତର୍ଭୁକ୍ତ । ଏହି ରେଳମାର୍ଗର ଆଲାଇନମେଣ୍ଟରେ ଥିବା ପ୍ରମୁଖ ଷ୍ଟେଶନଗୁଡ଼ିକ ମଧରେ ବରଗଡ଼ ରୋଡ, ସରସରା, ଡୁମେରପାଲି, ବିଜେପୁର, ବାଦିପାଲି, ଧୌରାମୁଣ୍ଡା, ପଦମପୁର, ଭଗତପୁର, ମାଝିପାଲି, ପାଇକମାଲ ରୋଡ, ବରତୁଣ୍ଡା, ଅଁଳାଜୁବା ଏବଂ ନୂଆପଡ଼ା ରୋଡ ଷ୍ଟେଶନ ରହିଛି ।

**ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା**

ସାପ୍ତାହିକ ‘ସ୍ୱୀକାର’ ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

**Subscription Rate of The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

**Advertisement Tariff of The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

## ଏମ୍‌ସିଏଲ୍‌ରେ ଅନ୍ତର୍ଜାତୀୟ ମହିଳା ଦିବସ



ବୁର୍ଲା : ଏମ୍‌ସିଏଲ୍‌ରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ଏଥିରେ ସମାଜସେବୀ ଅନନ୍ୟା ଅନୁସୂୟା ନାଏକ ଓ ଶ୍ରୀମତୀ ନମ୍ରତା ଜୈନ ଯୋଗ ଦେଇ ନାରୀମାନଙ୍କ ସଶକ୍ତିକରଣ ଉପରେ ଭାଷଣ ଦେଇଥିଲେ । ସିଏମ୍‌ଡି ଉଦୟ ଅନନ୍ତ କାଓଲେ, କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ଜାଗୃତି ମହିଳା ମଣ୍ଡଳର ଉପାଧ୍ୟକ୍ଷା ଅଳ୍ପନା ଶୁକ୍ଳା ରାଓ ଓ ରଶ୍ମୀ ବେହେରା ପ୍ରମୁଖ ଯୋଗ ଦେଇ ଏମ୍‌ସିଏଲ୍‌ର ମହିଳା ଉଦ୍ଧାରକାରୀ ଦଳକୁ ସମ୍ମାନିତ କରିଥିଲେ ।

## ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ଗୁଁଡିଖାଇ ଭେଟ୍‌ଘାଟ୍





ସମ୍ବଲପୁର : ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ପ୍ରଥମ ଥର ପାଇଁ ଗୁଁଡିଖାଇ ଭେଟ୍‌ଘାଟ୍ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଡକ୍ଟର




ପରେଶ ଚନ୍ଦ୍ର ଦାନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟ ଅତିଥି, ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସଚିନ ରାମଚନ୍ଦ୍ର ଯାଦବ ସମ୍ମାନିତ ଅତିଥି ଏବଂ ସଂସ୍କୃତି ଗବେଷକ ତଥା ସାହିତ୍ୟିକ ଡକ୍ଟର ଶ୍ୟାମ ସୁନ୍ଦର ଧର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ସମ୍ପାଦକ ଦୀନବନ୍ଧୁ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ଲଳୀତ ମୋହନ ବେବର୍ତ୍ତା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବାଙ୍ଗାଲୁରୁର ଜୁହାର ପରିବାର ଏବଂ ବିଶିଷ୍ଟ ନାଟ୍ୟକାର ଡକ୍ଟର ଦ୍ୱାରିକାନାଥ ନାୟକଙ୍କୁ ଗୁଁଡିଖାଇ ସମ୍ମାନରେ ସମ୍ମାନିତ କରାଯାଇଥିଲା । ସତ୍ୟନାରାୟଣ ଠାକୁର ଓ ମମତା ପଣ୍ଡା ମାନପତ୍ର ପାଠ କରିଥିଲେ । ଏହି ଅବସରରେ ଆୟୋଜିତ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ଅଖିଳ ରଞ୍ଜନ ପଟ୍ଟନାୟକ ଓ ତାପସ କୁମାର ଦାଶ ପରିଚାଳନା କରିଥିଲେ ।

## ‘ସମ୍ଭାବନା’ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ



ସମ୍ବଲପୁର: ଅଇଁଠାପାଲିର ମହିଳା ସ୍ୱେଚ୍ଛାସେବୀ ସଙ୍ଗଠନ ‘ସମ୍ଭାବନା’ ତରଫରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ



ହୋଇଯାଇଛି । ଶ୍ରୀମତୀ ଛନ୍ଦାରାଣୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ମୁଖ୍ୟ ଅତିଥି ଓ ବ୍ରହ୍ମାକୁମାରୀ ଆରତୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ଅନୁଷ୍ଠାନର ଅଧ୍ୟକ୍ଷା ଆହ୍ଲାଦିନୀ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ରାଜଲକ୍ଷ୍ମୀ ପଣ୍ଡା ସ୍ୱାଗତ ଭାଷଣ, ନଳିନୀ ମିଶ୍ର ଶ୍ଳୋକ ପାଠ ଏବଂ ସୁଷମା ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ନୃତ୍ୟଶିଳ୍ପୀ ପୁଷ୍ପାଞ୍ଜଳି ବେହେରା ଏବଂ ସୁଗୃହିଣୀ ବନ୍ଦନା ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଅନୁଷ୍ଠାନର ଏକ ନିଜସ୍ୱ ଗୃହ ନିର୍ମାଣ ପାଇଁ ଦୀର୍ଘ ଦିନ ହେବ ସରକାରୀ ଜମି ଚିହ୍ନଟ ହୋଇଥିଲେ ସୁଦ୍ଧା ଅନୁଷ୍ଠାନକୁ ଏଯାଏଁ ତାହା ହସ୍ତାନ୍ତର କରାଯାଉ ନ ଥିବାରୁ ଏହି ସଭାରେ ସଦସ୍ୟା ମାନେ ଉଦ୍‌ବେଗ ପ୍ରକାଶ କରିବା ସହିତ ଏ ଦିଗରେ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଥିଲେ ।

## ତାଳପଟିଆରେ ଚବିଶ ପ୍ରହର ନାମଯଜ୍ଞ






ଝାରସୁଗୁଡା: ଝାରସୁଗୁଡା ଜିଲ୍ଲା ଅନ୍ତର୍ଗତ ତାଳପଟିଆ ଗ୍ରାମରେ ଚବିଶ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଗ୍ରାମର ମହିଳାମାନେ କଳସ ଶୋଭାଯାତ୍ରା କରିବା ପରେ କଟକ ରାସବିହାରୀ ମଠର ମହନ୍ତ ବୃନ୍ଦାବନ ଦାସ ମହାରାଜଙ୍କ ଉପସ୍ଥିତିରେ ଅଧିବାସ ଅନୁଷ୍ଠିତ ହୋଇଥିଲା । ଗ୍ରାମର ଶେଖର ବାଗ (ପପ୍ପୁ) ଓ ତାଙ୍କ ଧର୍ମପତ୍ନୀ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିବା ବେଳେ ରୋହିତ କୁମାର ମହାପାତ୍ର ପୂଜାର୍ଚ୍ଚନା କରିଥିଲେ । ବିଗତ ପ୍ରାୟ ୮୦ ବର୍ଷ ଧରି ରାଧାରମଣ ସେବା ସମିତି ପକ୍ଷରୁ ଆୟୋଜିତ ହେଉଥିବା ଏହି କାର୍ଯ୍ୟକ୍ରମରେ ଚଳିତ ବର୍ଷ କଟକ ତଥା ଆଖପାଖ ଅଞ୍ଚଳର ୩୦ଟି କୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ । ବିଧାୟକ ଟଙ୍କଧର ତ୍ରିପାଠୀ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସେବା ସମିତିର ସଭାପତି ଅଶ୍ୱିନୀ କୁମାର ମହାପାତ୍ର, ଉପ-ସଭାପତି ଅଜୟ କୁମାର ଶର୍ମା, ସମ୍ପାଦକ ଖିତୁ ସାହୁ, କୋଷାଧ୍ୟକ୍ଷ ଉମେଶ ସାହୁ ପ୍ରମୁଖଙ୍କ ସମେତ ଗ୍ରାମର ଯୁବକ ମାନେ କାର୍ଯ୍ୟକ୍ରମ ଆୟୋଜନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।






Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra